POSTAL REGISTRATION NO.- PURI/45/2025-27

Visit our website: sssoochanaenewspaper.in

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



/shreeshrikshetrasoochana /ssoochana +91 94370 58632

VOL - 4 ❖ ISSUE - IV ❖ APRIL 2025 ❖ PURI ❖ PAGE - 8 ❖ Rs. 10.00

ଚତୁର୍ଥ ବର୍ଷ ❖ ଚତୁର୍ଥ ସଂଖ୍ୟା ❖ ଏପ୍ରିଲ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

## ସମ୍ପାଦକୀୟ

# ମହାକୁମ୍ଭ ପ୍ରସ୍ତୁତି ଠାରୁ ରଥଯାତ୍ରାର ପ୍ରସ୍ତୁତି



ଓଡ଼ିଶାର ଆଧ୍ୟାତ୍ମିକ ଓ ସଂସ୍କୃତିକ ଐତିହ୍ୟର ଗର୍ବ ହେଉଛି ପୁରୀ ରଥଯାତ୍ରା। ପ୍ରତିବର୍ଷର ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସିଥାନ୍ତି। ଏହି ବିଶ୍ୱପ୍ରସିଦ୍ଧ ଧାର୍ମିକ ଉତ୍ସବ ଉପରେ ରାଜ୍ୟର ପ୍ରତିଷ୍ଠା ଓ ଅର୍ଥନୈତିକ ଅଭିବୃଦ୍ଧି କିଞ୍ଚିତ୍ ପରିମାଣରେ ନିର୍ଭର କରେ। କିନ୍ତୁ ବର୍ଷ ବର୍ଷ ଧରି ବେଳେ ବେଳେ ରଥଯାତ୍ରା ପ୍ରସ୍ତୁତିରେ ଅନିୟମ, ବିଳମ୍ବ ଓ ଅନ୍ୟ ଅନେକ ସମସ୍ୟା ଦେଖିବାକୁ ମିଳେ। ଏହି ପରିପ୍ରେକ୍ଷୀରେ ପ୍ରୟାଗରାଜ ମହାକୁମ୍ଭ ମେଳାର ପ୍ରସ୍ତୁତି ଆମ ପାଇଁ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ମହାକୁମ୍ଭ ହେଉଛି ବିଶ୍ୱର ସବୁଠୁ ବଡ ଧାର୍ମିକ ଉତ୍ସବ, ଯାହା ପ୍ରତ୍ୟେକ ୧୨ ବର୍ଷରେ ଥରେ ଉତ୍ସବ ରୂପେ ଆୟୋଜିତ ହୁଏ। ଏହି ମେଳା ପାଇଁ ବର୍ଷେ ପୂର୍ବରୁ ଯୋଜନା ତିଆରି ହୁଏ, ବିଭିନ୍ନ ବିଭାଗ ବ୍ୟବସ୍ଥିତ ଭାବରେ ଏହାର ସମନ୍ୱୟ କରନ୍ତି। ବିଶେଷକରି ଟ୍ରାଫିକ୍ ବ୍ୟବସ୍ଥା, ପାଣି-ବିଜୁଳି, ରହଣୀ ଯୋଜନା, ଖାଦ୍ୟ, ଭାଗିଦାର ନିୟୋଜନ ଏବଂ ଏଆଇ ଟେକ୍ନୋଲୋଜି ଦ୍ୱାରା ଖୋଜିବା ଓ ହଜିବା ଲୋକଙ୍କୁ ଏକାଠି କରିପାରିଥାଏ। ଚଳିତ ମହାକୁମ୍ଭ ପରିଚାଳନା ପାଇଁ ଉତ୍ତର ପ୍ରଦେଶ ସରକାର ସାରା ଦେଶରେ ପ୍ରଶଂସା ସାଉଁଟି ପାରିଛି। ଏହି ଦୃଷ୍ଟାନ୍ତ ଆମକୁ ଶିକ୍ଷା ଦେଇଥାଏ ଯେ ଏକ ବଡ ଉତ୍ସବ କେବଳ ଧାର୍ମିକ ଆସ୍ଥା ନୁହେଁ, ବ୍ୟବସ୍ଥାପନ, ସଂଗଠନ ଓ ପ୍ରଶାସନିକ ଦକ୍ଷତାର ଚରମ ପରୀକ୍ଷା ଅଟୁଟ ଅଂଶ। ଏହିପରି ଦୃଢ଼ ପ୍ରସ୍ତୁତି ଯଦି ରଥଯାତ୍ରା ପାଇଁ କରାଯାଏ, ତେବେ ସମସ୍ତଙ୍କ ପାଇଁ ଏହା ଅଧିକ ସୁବିଧାଜନକ ଓ ନିରାପଦ ହେବ। ରାଜ୍ୟ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସମନ୍ୱୟ, ପୂର୍ବ ପ୍ରସ୍ତୁତିକୁ ଭିତ୍ତିକରି ଓ ଏଆଇ ଟେକ୍ନୋଲୋଜି ମାଧ୍ୟମରେ ରଥଯାତ୍ରା ପରିଚାଳନା କଲେ ଏହା ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଏକ ନୂତନ ଶିଖରରେ ପହଞ୍ଚାଇପାରିବ। ଏଥିପାଇଁ ଏକ ଆର୍‌ଡିସି ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଥିବାବେଳେ ଅଧିକାରୀମାନେ ପ୍ରସ୍ତୁତି ବୈଠକରେ ବିଭିନ୍ନ ପ୍ରସ୍ତୁତ ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଲେଖାର ନିଷ୍କର୍ଷ ହେଉଛି— ରଥଯାତ୍ରା ହେଉଛି ଓଡ଼ିଆ ସଂସ୍କୃତିର ଏକ ଉଜ୍ଜ୍ୱଳ ପରିଚୟପତ୍ର। ଏହାର ପ୍ରସ୍ତୁତି ମଧ୍ୟ ମହାକୁମ୍ଭ ମେଳା ପରି ସୁନିୟୋଜିତ ପରିଚାଳନା ଦୃଢ଼ ହେବା ଆବଶ୍ୟକ। ଯଦ୍ୱାରା ଆମ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପ୍ରସ୍ତୁତି ସାରା ଦେଶରେ ପ୍ରଶଂସା ସାଉଁଟି ପାରିବ।

ରାଜେଶ କୁମାର ମହାନ୍ତି

(ରାଜେଶ କୁମାର ମହାନ୍ତି)

# ଅନୁକୂଳ ହେଲା ରଥ ନିର୍ମାଣ



## ଯଜ୍ଞସ୍ଥଳରେ ହୋମଯଜ୍ଞପୂର୍ବକ ରଥ ନିର୍ମାଣ ଅନୁକୂଳ

## ୩ ସୁନା କୁରାଢ଼ି ସ୍ପର୍ଶରେ ନିର୍ମାଣ କାର୍ଯ୍ୟ ଆରମ୍ଭ

**ପୁରୀ:** ଦିନ କେଇଟା ପରେ ଜନ୍ମବେଦିକୁ ଯାତ୍ରା କରିବେ ଲୀଳାମୟ ମହାପ୍ରଭୁ। ଏଥିପାଇଁ ଅକ୍ଷୟ ତୃତୀୟାରୁ ବାଜିଛି ରଥଯାତ୍ରାର ଶୁଭଶଙ୍ଖ। ବଡ଼ ଠାକୁରଙ୍କ ପାଇଁ ବଡ଼ଦାଣ୍ଡରେ ଆରମ୍ଭ ହୋଇଛି ରଥ ନିର୍ମାଣ ପର୍ବ। ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ଆସି ଲାଗି ହେବା ପରେ ଶ୍ରୀନଅର ସମ୍ମୁଖ ଯଜ୍ଞସ୍ଥଳରେ ହୋମଯଜ୍ଞପୂର୍ବକ ରଥ ନିର୍ମାଣ ଅନୁକୂଳ କରାଯାଇଛି। ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସମେତ ଅନ୍ୟ ସେବକମାନେ ରଥ ନିର୍ମାଣ ପାଇଁ ଶାଢ଼ି ବନ୍ଧାଇ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରଥ ନିର୍ମାଣ ପୂର୍ବରୁ ଶ୍ରୀନଅର ସମ୍ମୁଖରେ ନିର୍ମିତ ଯଜ୍ଞଶାଳାରେ ଯଜ୍ଞ ପର୍ବ କରାଯାଇଥିଲା। ଅସ୍ଥାୟୀ ଯଜ୍ଞଶାଳାରେ ୩ଟି ଧଉରା କାଠ ରଖାଯାଇ ହୋମଯଜ୍ଞ କରାଯାଇଥିଲା। ପୂର୍ବରୁ ସ୍ୱତନ୍ତ୍ର ମଣି ବିମାନରେ ଚଳନ୍ତି ପ୍ରତିମା ବିଜେ କରିଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ମଣି ବିମାନରେ ଚାପ ଖେଳିବାକୁ ଯିବା ପୂର୍ବରୁ କିଛି ସମୟ ଅପେକ୍ଷା କରି ରଥକାଠ ଆଡ଼କୁ ମୁହଁ କରି ରହିଥିଲେ। ଆଗରେ ରାମ-କୃଷ୍ଣ ପାଲିଙ୍କିରେ ଏବଂ ପଞ୍ଚ ମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର ରଥଖଳା ନିକଟରେ ରଥକାଠ ଅନୁକୂଳ ପର୍ଯ୍ୟନ୍ତ ରହିଥିଲେ। ୪ଟା ୪୫ରେ ମଣି ବିମାନରେ ଠାକୁର ବାହାରିଥିବା ବେଳେ ୫ଟା ୪୦ରେ ରଥଖଳାରେ ପହଞ୍ଚିଥିଲେ। ୩ ବାଡ଼ର ପୂଜାପଣ୍ଡା ସେବକମାନେ ୩ ରଥର ଆଜ୍ଞାମାଳ ଶ୍ରୀମନ୍ଦିରରୁ ଯଜ୍ଞସ୍ଥଳକୁ ଆଣି ବିଜେ କରିଥିଲେ। ପୂର୍ବରୁ ଯଜ୍ଞସ୍ଥଳରେ ରଖାଯାଇଥିବା ତିନି ଧଉରା କାଠରେ ଖଣ୍ଡୁଆ ସହ ଆଜ୍ଞାମାଳ ଲାଗି କରାଯାଇଥିଲା। ବିଧି ଅନୁଯାୟୀ ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ଅଭିମନ୍ତ୍ରିତ ସୁନାର ୩ଟି ଛୋଟ କୁରାଢ଼ି ଆସିଥିଲା। ଦେଉଳ ପୁରୋହିତ ରଥଖଳାରେ ଥିବା ୩ ଧଉରା କାଠକୁ ସୁନା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେ ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର, ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ର ଏବଂ ଦେବଦଳନ ରଥର ମୁଖ୍ୟ ମହାରଣା ନାରାୟଣ ମହାରଣା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ରଖାଯାଇଥିବା ଉଦ୍ଦିଷ୍ଟ କାଠରେ ନଡ଼ିଆ ବାଡ଼େଇଥିଲେ। କୁରାଢ଼ିରେ ଛେଦନ କରି ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଆସନ୍ତାକାଲିଠାରୁ ରଥର ତୁମ୍ବ ତିଆରିରୁ ରଥ ନିର୍ମାଣ କାର୍ଯ୍ୟ ଚାଲିବ। ପ୍ରଥମ ପର୍ଯ୍ୟାୟରେ ତିନି ରଥ ପାଇଁ ୩ ଜଣ ଲେଖାଏଁ ମହାରଣା କାର୍ଯ୍ୟ ଆରମ୍ଭ କରିବେ। ରଥ ସଂହିତା ଅନୁକରଣ ପୂର୍ବକ ସରସ୍ୱତୀ ପୂଜାରେ ରଥ କାଠ ଅନୁକୂଳ ଏବଂ ଶ୍ରୀରାମ ନବମୀରେ ରଥ କାଠ ଚିରଟ ଆରମ୍ଭ ହୋଇଥିଲା। ଆଜି ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ଶାଢ଼ି ବନ୍ଧାଇବା ପରେ ୩ ରଥର ବିଶ୍ୱକର୍ମାମାନେ ରଥକାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଭଉଁରୀରେ ରଥ ଚକଡେରା ଆରମ୍ଭ ହୋଇ ଶୀତଳ ଷଷ୍ଠୀରେ ଚକଡେରା କାର୍ଯ୍ୟ ଶେଷ ହେବ। ଠିକ୍ ୫୯ ଦିନରେ ରଥ କାର୍ଯ୍ୟ ସମ୍ପନ୍ନ ହେବା ପରେ ପ୍ରଭୁ ଜୁନ ୨୭ରେ ଏହି ରଥରେ ବିଜେ କରି ଗୁଣ୍ଡିଚା ଯାତ୍ରା କରିବେ। ଆଜି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ତିନି ରଥର ମୁଖ୍ୟ ମହାରଣା, ରଥର ଅନ୍ୟ ସେବକ ଓ ଅଧିକାରୀବୃନ୍ଦ ରଥ କାଠକୁ ମୁଣ୍ଡିଆ ମାରି ରଥ ନିର୍ମାଣ କାର୍ଯ୍ୟର ସଫଳତା ପାଇଁ ପ୍ରାର୍ଥନା କରିଛନ୍ତି।

## କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି

# ଜାତିଭିତ୍ତିକ ଗଣନା ହେବ



**ନୂଆଦିଲ୍ଲୀ:** ଭାରତର ପରବର୍ତ୍ତୀ ଜାତୀୟ ଜନଗଣନାରେ ଜାତିଗତ ଜନଗଣନାକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ବୁଧବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଜାତିଗତ ଜନଗଣନାକୁ ସଂପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଭାରତୀୟ ସମାଜକୁ ଅର୍ଥନୈତିକ ଓ ସାମାଜିକ ଭାବେ ସଶକ୍ତ କରିବା ସହ ଦେଶର ପ୍ରଗତି ମଧ୍ୟ ସୁନିଶ୍ଚିତ କରିବ ବୋଲି ବୈଷ୍ଣବ କହିଛନ୍ତି। ସୂଚନାଯୋଗ୍ୟ, ଜନଗଣନା ପ୍ରକ୍ରିୟା ୨୦୨୦ ଏପ୍ରିଲରେ ଆରମ୍ଭ ହେବାର ଥିଲା। କିନ୍ତୁ କୋଭିଡ୍ କାରଣରୁ ଏହା ବିଳମ୍ବିତ ହୋଇଥିଲା।

### ଜନଗଣନା ସମୟରେ ଏକାଠି ହେବ ସର୍ଭେ

ଆଜି ମନ୍ତ୍ରୀ ଶ୍ରୀ ବୈଷ୍ଣବ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି ଯେ ଏହି ଦଳ ସର୍ବଦା ଜାତିଗତ ଜନଗଣନାକୁ ବିରୋଧ କରିଥାଏ। ଅନ୍ୟ ଦଳକୁ ସମାଲୋଚନା କରି ସେ ଆହୁରି କହିଛନ୍ତି ଯେ ଜାତିଭିତ୍ତିକ ଜନଗଣନାକୁ ସେମାନେ ରାଜନୈତିକ ଫାଇଦା ଉଠାଇବା ପାଇଁ ବ୍ୟବହାର କରୁଥିଲେ। ୨୦୧୦ ମସିହାରେ ସ୍ୱର୍ଗତ ଡ. ମନମୋହନ ସିଂହ ସଂସଦରେ କହିଥିଲେ ଯେ ଜାତିଗତ ଜନଗଣନା ପ୍ରସଙ୍ଗକୁ କ୍ୟାବିନେଟ୍‌ରେ ବିଚାର କରାଯିବା ଉଚିତ। ସେବେ ଏକ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଥିଲା। ଅଧିକାଂଶ ରାଜନୈତିକ ଦଳ ଜାତିଗତ ଜନଗଣନା ପାଇଁ ସୁପାରିସ କରିଥିଲେ। ହେଲେ କଂଗ୍ରେସ ସରକାର ଏସ୍‌ଇସିସି ନାମରେ ଏକ ସୀମିତ ସର୍ଭେ କରିବା ଉଚିତ ମନେ କରିଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। (ପୃଷ୍ଠା-୭)



ମେ ୧୦ତାରିଖରେ ଓଡ଼ିଶା ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ।



ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଭାବରେ ଦାୟିତ୍ୱ ଗ୍ରହଣ କଲେ ବରିଷ୍ଠ ଆଇଏଏସ୍ ବିବେକ ଅଗ୍ରୱାଲ।

# ଖୋଲିଲା କେଦାରନାଥଙ୍କ ଧାମ

## ୧୦୮ କ୍ୱିଣ୍ଟାଲ ଫୁଲରେ ସୁସଜ୍ଜିତ ହେଲା ମନ୍ଦିର

**ଡେରାଡୁନ:** ଖୋଲିଛି ବାବା କେଦାରନାଥଙ୍କ କପାଟ । ଅନେକ ଅପେକ୍ଷା ପରେ ଆଜି ବାବାଙ୍କ ଧାମ ଭକ୍ତଙ୍କ ପାଇଁ ଖୋଲା ଯାଇଛି । ଆଉ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ କେଦାରନାଥଙ୍କ ମନ୍ଦିରକୁ ଫୁଲରେ ସଜା ଯାଇଛି । ବାବାଙ୍କ ଧାମରେ ଲାଗିଛି ୧୦୮ କ୍ୱିଣ୍ଟାଲ ଫୁଲ । ମନ୍ଦିରର ମୁଖଶାଳା ସମେତ ମନ୍ଦିର ପରିସରରେ ଖାଲି ଫୁଲରେ ସଜା ଯାଇଛି । ଖାଲି ସେତିକି ନୁହେଁ କେଦାରନାଥଙ୍କ ଦର୍ଶନ କରିବାକୁ ଯାଇଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପରେ ଆକାଶ ମାର୍ଗରୁ ହେଲିକପ୍ଟରରେ ପୁଷ୍ପ ବୃଷ୍ଟି କରାଯାଇଛି । ତେବେ ହରହର ମହାଦେବ... ଜୟ ବାବା କେଦାରନାଙ୍କର ଜୟ... ଘଣ୍ଟ ଘଣ୍ଟା, ଓଁକାର ଧ୍ୱନୀ ଏବଂ ମହାଦେବଙ୍କ ଜୟଜୟକାରରେ ଆଜି ସକାଳ ୭ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ କେଦାରନାଥଙ୍କ କପାଟ ଖୋଲି ଦିଆଯାଇଛି । ଆଉ ଯେମିତି କପାଟ ଖୋଲିଛି ମନ୍ଦିର ବାହାରେ ଅପେକ୍ଷା କରିଥିବା ୧୫ ହଜାର ଭକ୍ତ ବାବାଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଦେବଭୂମି ଉତ୍ତରାଖଣ୍ଡ ସ୍ଥିତ କେଦାରନାଥ ଧାମର କପାଟ ଆଜି ବୈଦିକ ରୀତିନୀତିରେ ଖୋଲା ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିବା ସହ ନିଜେ ମନ୍ଦିର ଭିତରକୁ ଯାଇ ବାବାଙ୍କ ଦର୍ଶନ କରିଥିଲେ । ତା ସହ ମୋଦୀ ବାବା କେଦାରନାଥ ବଡ଼ ଭକ୍ତ ବୋଲି କହିବା ସହ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରଷି ଦେଇଛନ୍ତି ଧାମୀ ।



# ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ




**ପୁରୀ:** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁନ ୨୭ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୫ ତାରିଖରେ ଅନୁଷ୍ଠିତ ହେବ। ସୁନାବେଶ ଜୁଲାଇ ୬ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ ବି.ପରମେଶ୍ୱରନ ଚଳିତ ରଥଯାତ୍ରାରେ ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତ ଙ୍କୁ ସେ ମତ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପାରସ୍ପରିକ ସମନ୍ୱୟ ର ସହ ରଥଯାତ୍ରା କୁ ଆମେ ସଫଳ କରିବା ବୋଲି ସେ କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୫୧ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୪ ଖଣ୍ଡ କାଠ (ପୃଷ୍ଠା-୭)







# ସରିଲା ଶ୍ରୀଜଗନ୍ନାଥ ମନ୍ଦିର ନୀତି ସହ ଜଡ଼ିତ ପୁରୀର ସର୍ବପୁରାତନ ସାହିଯାତ ସାମିଲହେଲେ ମୁଖ୍ୟମନ୍ତ୍ରୀ,କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ



# ରାଜ୍ୟପାଳ ଦମ୍ପତି ପରିଦର୍ଶନ କଲେ କଳାଗ୍ରାମ ରଘୁରାଜପୁର



**ପୁରୀ:** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ଓଡ଼ିଶାର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଆଜି ଅପରାହ୍ନ ରେ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ ।ରାଜ୍ୟପାଳ ଦମ୍ପତି ରଘୁରାଜପୁର ରେ ପହଞ୍ଚିବା ପରେ ଗୋଟିପୁଅ କଳାକାର ମାନେ ତାଙ୍କୁ ସ୍ୱାଗତ କରିଥିଲେ ।ପରେ ରାଜ୍ୟପାଳ ଦମ୍ପତି ରଘୁରାଜପୁର ର ପଟ୍ଟଚିତ୍ର ଓ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ । କଳା ଗୁରୁ ଓ ଶିଳ୍ପୀ ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସଦର ବିଡ଼ିଓ ସମ୍ବିତ ଶତପଥୀ,ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସମ୍ପାଦକ ଅଭିରାମ ଦାସ, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୂଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ, ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଓ ଅନ୍ୟ ଶିଳ୍ପୀ ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା



**ପୁରୀ:** କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ସମୀକ୍ଷା କରିଥିଲେ ।ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ର ଧାର୍ଯ୍ୟ ଲକ୍ଷ୍ୟ, ସଫଳତା ଓ ହିତାଧିକାରୀଙ୍କ ସମ୍ପର୍କରେ ଡ. ପାଢ଼ୀ ଅନୁଧ୍ୟାନ କରିଥିଲେ ।ସମସ୍ତ ସରକାରୀ ଯୋଜନା ଜନସାଧାରଣ ଙ୍କ ହିତ ରେ ପ୍ରଣୟନ କରାଯାଇଥାଏ ।ଏହାର ସୁବିଧା ଓ ସୁଯୋଗ ଯେପରି ଉପଯୁକ୍ତ ହିତାଧିକାରୀ ସଠିକ ଭାବେ ପାଇ ପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।ପ୍ରତିବଦ୍ଧତା ଓ ଉତ୍ତରଦାୟୀ ଭାବେ କାର୍ଯ୍ୟ କାରି ନିଜର ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେବା ସହ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଶୁକ୍ରବାର ଆମ ଓଡ଼ିଶାର ଗୌରବ ସମ୍ବଲପୁରୀ ବସ୍ତ୍ର ପରିଧାନ ପାଇଁ ପରାମର୍ଶ ଦେଇଥିଲେ ।ଶ୍ରୀମନ୍ଦିର ରେ ଜୈବିକ ସାରରେ ପ୍ରସ୍ତୁତ ପନିପରିବା, ଚାଉଳ ବ୍ୟବହାର ପାଇଁ ଓରମାସ ପ୍ରସ୍ତୁତ ଥିବା ବୈଠକରେ ସୂଚନା ମିଳିଥିଲା ।ସେହିପରି ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାଟି ପାତ୍ର ବା କୁଡୁଆ ଯୋଗାଇବା ବ୍ୟବସ୍ଥା କରାଯାଉଛି ।ଲକ୍ଷ ପତି ଦିଦି ସୃଷ୍ଟି ରେ ସମଗ୍ର ଦେଶରେ ଓଡିଶା ପ୍ରଥମ ହୋଇ ଥିବାରୁ ସେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ କୁ ପ୍ରଶଂସା କରିଥିଲେ । ପ୍ରତ୍ୟେକ ମାସ ରେ ଭଲ କାର୍ଯ୍ୟ କରୁଥିବା ଅଧିକାରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ଉଚିତ ବୋଲି ଡ. ପାଢ଼ୀ ପରାମର୍ଶ ଦେବା ସହ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କଲେ ଅନ୍ୟ ମାନଙ୍କୁ ଅନୁପ୍ରାଣିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ ।

**ପ୍ରତିବଦ୍ଧତା ଓ ଉତ୍ତରଦାୟୀ ଭାବେ କାର୍ଯ୍ୟ କାରି ପରିଚୟ ସୃଷ୍ଟି କରିବାକୁ ପରାମର୍ଶ**

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୧୭ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୧୧ ଗୋଟି ବ୍ୟକ୍ତି ଗତ,୫ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୧ ଗୋଟି ର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିପିଲି ଏସଡିପିଓ ବିରଞ୍ଚି ପତି, ପିପିଲି ବିଡ଼ିଓ ସରୋଜ କୁମାର ରାଉତ,ତହସିଲଦାର ହୃଷିକେଶ ତ୍ରିପାଠୀ,ଅଭିଯୋଗ ଶୁଣାଣୀ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତା ୨୮ ତାରିଖରେ ଜିଲ୍ଲା ସଦର ମହକୁମା ରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ପୁରୀ ଜିଲ୍ଲାରେ ଆୟୁଷ୍ମାନ କାର୍ଡ ବଣ୍ଟନର ଶୁଭାରମ୍ଭ



**ପୁରୀ:** ଓଡ଼ିଶାରେ ଆରମ୍ଭ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏଥି ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମଧ୍ୟ ଶୁଭାରମ୍ଭ ହୋଇଛି । ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଶୁଭାରମ୍ଭ କରି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ଏହି ଅବସରରେ ସାଂସଦ ଡ. ସମ୍ବିତ୍ ପାତ୍ର ମଧ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦେଶର ବିଭିନ୍ନ ସ୍ଥାନରେ ଥିବା ୨୯ ହଜାର ହସପିଟାଲରେ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ପାଇ ପାରିବେ । ପୁରୁଷ ହିତାଧିକାରୀଙ୍କ ପାଇଁ ୫ ଲକ୍ଷ, ମହିଳା ହିତାଧିକାରୀ ଅତିରିକ୍ତ ୫ ଲକ୍ଷ ଅର୍ଥାତ ୧୦ଲକ୍ଷ ର ଚିକିତ୍ସା ସୁବିଧା ପାଇ ପାରିବେ ।

# ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡି କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ




**ପୁରୀ:** କେନ୍ଦ୍ରୀୟ ଯୋଜନାର ପ୍ରଣୟନ ଓ କାର୍ଯ୍ୟକାରିତା ସମୟରେ ସାଂସଦ ମାନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ । ସାଂସଦ ମାନଙ୍କୁ ସମସ୍ତ ବିଷୟରେ ଅବଗତ କରାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ପାର୍ଲିଆମେଣ୍ଟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତି ରାଜ ସମ୍ବନ୍ଧୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ସପ୍ତଗିରି ଉଲ୍ଲକା । ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଉଲ୍ଲକା ସମସ୍ତ ଯୋଜନା ସାଧାରଣ ଲୋକ ମାନଙ୍କ ହିତ ଉଦ୍ଦେଶ୍ୟ ରେ ବ୍ୟବସ୍ଥା ହେଉ ଥିବାରୁ ଏହାର କାର୍ଯ୍ୟ କାରିତା ଓ ସଫଳତା ରେ ଲୋକ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ କେନ୍ଦ୍ର ସରକାର ପ୍ରଦତ୍ତ ମାର୍ଗଦର୍ଶିକା ଅନୁସାରେ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରିବା, ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ । ଲିଡ ବ୍ୟାଙ୍କ ଭାବେ ୟୁକୋ ବ୍ୟାଙ୍କର ସମୀକ୍ଷା କରାଯାଇଥିଲା । ଗ୍ରାହକ ମାନଙ୍କ ପାଇଁ ଥିବା ବିଭିନ୍ନ ସେବା ସଠିକ ସମୟ ଓ ସଠିକ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ । ସମୀକ୍ଷା ର ରିପୋର୍ଟ ୧୫ ଦିନ ମଧ୍ୟରେ ପାର୍ଲିଆମେଣ୍ଟକୁ ପ୍ରେରଣ ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଭଜନ ଲାଲ ଯାତବ, ବିଜୟ କୁମାର ଦୁବେ, ଗୀତା ଆଲିଆସ ଚନ୍ଦ୍ରପ୍ରଭା, ରାମ ଶଙ୍କର ରାଝେରା, ଡ.ମହମ୍ମଦ ଜାଓ୍ୱେଦ, ନବ ଚରଣ ମାଝୀ, ଦେଶ ରାଜ ଶେଖର, ଏଲ ସିଂସନ, ସୁଶୀଲ କୁମାର, ମୃତ୍ୟୁଞ୍ଜୟ ସିଂ ଯାଦବ, ସୋନିଆ ୱାଲିଆ ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରକଳ୍ପ ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ



**ପୁରୀ:** ପୁରୀ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପୁରୀ ମିଶନ ଶକ୍ତି ଗୃହରେ ପ୍ରକଳ୍ପ ସ୍ତରୀୟ ଅଙ୍ଗନବାଡିକର୍ମୀଙ୍କ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ।ଏହାକୁ ଉଦଘାଟନ କରି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁସ୍ଥ ଓ ନିରୋଗ ରହିବାକୁ ପୁଷ୍ଟିକର ଓ ପୌଷ୍ଟିକ ଖାଦ୍ୟ ଅତ୍ୟନ୍ତ ଜରୁରୀ । ବିଶେଷ କରି ଶିଶୁ ଓ ଗର୍ଭବତୀ ମା ମାନଙ୍କର ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା ଉଚିତ । ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗ ଦେଇ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି ମାନଙ୍କ ପାଇଁ ଯେଉଁ ମାର୍ଗଦର୍ଶିକା ପ୍ରଣୟନ ହୋଇଛି ତାହାର ସଠିକ ଅନୁପାଳନ ସହ ପୋଷଣ ନିୟମ କୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ସଦର ସିଡିପିଓ ବିନୋଦିନୀ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପୁରୀ ସଦର ସୁପରଭାଇଜର ମଧୁଛନ୍ଦା ଭଉଳ, ପୁରୀ ମୁନିସପାଲ୍ଟି ସୁପରଭାଇଜର ପ୍ରଣତୀ ଚିନ୍ନାରା ପ୍ରମୁଖ ଉପସ୍ଥିତ ରହି ପୋଷଣ ପକ୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ ।

# ମଧୁବାବୁଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ



**ପୁରୀ:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ମଧୁସୂଦନ ଦାସ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ସ୍ୱତନ୍ତ୍ର ଓଡିଶା ଗଠନ, ଭାଷା ସୁରକ୍ଷା ରେ ମଧୁବାବୁ ଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ବିବେକାନନ୍ଦ ସାହୁ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଉପ ନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ରଥ, ଆରଟିଓ ରବିନ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ୱାଟକୋ ନିର୍ବାହୀ ଯନ୍ତ୍ରୀ ବିକ୍ରମ ରାଉତ, ଏଆରସିଏସ ସ୍ୱରୂପ କର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ଅନ୍ୟାନ୍ୟ ସ୍ଥାନରେ ଥିବା ଉତ୍କଳ ଗୌରବ ଙ୍କ ପ୍ରତିମୂର୍ତ୍ତି ରେ ବିଭିନ୍ନ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା ।

# ବ୍ୟାଙ୍କମାନଙ୍କ ସମୀକ୍ଷା କଲେ ରାଜ୍ୟପାଳ



**ପୁରୀ:** ପ୍ରତ୍ୟେକ ବ୍ୟାଙ୍କ ମାନଙ୍କରେ ଆକାଉଣ୍ଟ ଖୋଲୁଥିବା ଗ୍ରାହକ ମାନଙ୍କ ପାଇଁ ବୀମା ସୁବିଧା ରହୁଛି । ତେବେ ବୀମା ସମ୍ପର୍କରେ ଅଜ୍ଞତା ପାଇଁ ଗ୍ରାହକଟି ସେ ସେବା ଓ ସୁବିଧାରୁ ବଞ୍ଚିତ ହେଉଛି । ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଗ୍ରାହକ ମାନ ଙ୍କୁ ସେମାନଙ୍କ ବୀମା କରାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମୁଦ୍ରା ଯୋଜନା ଓ ବ୍ୟାଙ୍କ ତରଫରୁ ଗ୍ରାହକଙ୍କୁ ପ୍ରଦତ୍ତ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ । ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ସମସ୍ତ ସହଯୋଗ ସମ୍ପର୍କରେ ବ୍ୟାଙ୍କ ମାନେ ଜନ ସାଧାରଣଙ୍କୁ ସଚେତନ କରାଇବା ଜରୁରୀ । ସେହିପରି ମୁଦ୍ରା ଯୋଜନା ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଯେପରି ହଇରାଣ ନ କରି ବା ବାରମ୍ବାର ନ ଦୌଡାଇ ସହଜରେ କାର୍ଯ୍ୟ ସମ୍ପାଦନ ହେବ ସେଥି ପ୍ରତି ଯତ୍ନବାନ ହେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଆଜିର ବୈଠକ ରେ ଅନୁପସ୍ଥିତ ବ୍ୟାଙ୍କ ଅଧିକାରୀ ମାନଙ୍କୁ କାରଣ ଦର୍ଶାଅ ନୋଟିସ ଦେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ମୁଦ୍ରା ଯୋଜନା ର ହିତାଧିକାରୀଙ୍କ ସହ ରାଜ୍ୟପାଳ ବାର୍ତ୍ତାଳାପ କରିଥିଲେ । ହିତାଧିକାରୀମାନେ ମୁଦ୍ରା ଯୋଜନା ମାଧ୍ୟମରେ ନିଜର ଆର୍ଥିକ ଅବସ୍ଥାକୁ କିପରି ସୁଧୁରିଛନ୍ତି ଓ ଋଣ ନେବା ସମୟର ଅନୁଭବ କୁ ବର୍ଣ୍ଣନା କରିଥିଲେ । ନେଇ ଥିବା ଅର୍ଥ ର ସୁବିନିଯୋଗ ସହ ନିର୍ଦ୍ଧାରିତ ସମୟରେ ଅର୍ଥ ଫେରସ୍ତ କରିବା ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ । ସର୍ବଶ୍ରୀ ଅମରେଶ ସେନାପତି, ଶୁଭମଜ୍ୟୋତି ମହାରଣା, ସୁଦର୍ଶନ ବେହେରା, ପବିତ୍ର ବେହେରା, ଅର୍ଜୁନ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଶୁଭମ ମହାନ୍ତି, ଭରତ କୁମାର ନାୟକ, ଶିବନାରାୟଣ ମହାନ୍ତି, ଜଗନ୍ନାଥ ସେଠୀ ପ୍ରମୁଖ ହିତାଧିକାରୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ସମୀକ୍ଷା ବୈଠକରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

**ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ**

# ଦୁଇ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ:** ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର ଓ ନାଜୀର ପ୍ରଭାକର ପ୍ରଧାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସରକାରୀ ନିୟମ ଅନୁସାରେ ଉଭୟ ୬୦ ବର୍ଷ ରେ ପଦାର୍ପଣ କରିଥିବାରୁ ସେମାନଙ୍କୁ ସରକାରୀ ଚାକିରୀରୁ ଅବ୍ୟାହତି ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ



ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ସହଦ୍ୱେ ସାହୁ, ବିବେକାନନ୍ଦ ସାହୁ, ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗ ଦେଇ ଉଭୟ ଶ୍ରୀ ମିଶ୍ର ଓ ଶ୍ରୀ ପ୍ରଧାନ ଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିବା ସହ ସେମାନେ ପ୍ରଶାସନ ପାଇଁ ଜଣେ ଜଣେ ସମ୍ବଳ ଥିଲେ ବୋଲି କହିଥିଲେ । ସେମାନଙ୍କ ନିଷ୍ଠାପର କାର୍ଯ୍ୟ ଓ ପ୍ରତିବଦ୍ଧତା ଅନନ୍ୟ ବୋଲି କହିଥିଲେ ।

# ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ଜନଶୁଣାଣୀ ଅନୁଷ୍ଠିତ

**ପୁରୀ:** ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ଆଜି ପୂର୍ବାହ୍ନରେ ଏକ ଜନ ଶୁଣାଣୀ ଅନୁଷ୍ଠିତ ହୋଇଥିଲା ।ଷଣ୍ଢପୁର ଠାରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ପୁନର୍ବାସ ଓ ବିସ୍ଥାପନ ର ଚିଠା ପ୍ରସ୍ତାବ ର ଜନଶୁଣାଣୀ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଚିଠା ପ୍ରସ୍ତାବ କୁ ଜନ ସାଧାରଣ ଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।ଉକ୍ତ ପ୍ରସ୍ତାବ ଉପରେ ଜନସାଧାରଣ ଙ୍କ ଠାରୁ ପ୍ରାପ୍ତ ମତାମତ କୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଅତିରିକ୍ତ ଜିଲ୍ଲାପାଳ ଡଃ ମହାପାତ୍ର ସୂଚନା ଦେଇଥିଲେ ।ଜିଲ୍ଲା ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ବାଣିଜ୍ୟ ଓ ପରିବହନ ବିଭାଗ ପ୍ରତିନିଧି କୈବଲ୍ୟ କିଶୋର କର,ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଆଲୋକ କୁମାର ନାଗ ପ୍ରମୁଖ ଉପସ୍ଥିତ ଥିଲେ ।ଉପସ୍ଥିତ ଜନସାଧାରଣ ପ୍ରକଳ୍ପ କୁ ସ୍ୱାଗତ ସହ ପୁନର୍ବାସ ଓ ବିସ୍ଥାପନ ପ୍ୟାକେଜ ଉପରେ ମତାମତ ଓ ବିବିଧ ପ୍ରସ୍ତାବ ମାନ ରଖିଥିଲେ ।ଅତିରିକ୍ତ ଜିଲ୍ଲାପାଳ ଏହାର ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ ।

# ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ

**ପୁରୀ:** ସାମାଜିକ ନ୍ୟାୟ ବ୍ୟବସ୍ଥା ର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକର । ସଂଘର୍ଷ ରୁ କିପରି ଜୀବନ କୁ ସଫଳ କରେ ଓ ଦେଶର ଗୌରବ ବୃଦ୍ଧି ରେ ସହାୟକ ହୁଏ ତାହା ଆମ୍ବେଦକର ଙ୍କ ଜୀବନ ଆଦର୍ଶ ରୁ ସ୍ପଷ୍ଟ ପ୍ରତୀୟମାନ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ,ସଂସ୍କୃତି ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡଃ ଆମ୍ବେଦକର ଙ୍କ ୧୩୪ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ଓ ଓଡ଼ିଆ ପକ୍ଷ ପାଳନର ଶେଷ ଦିବସରେ ଓଡ଼ିଆ ନବବର୍ଷ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ଡଃ ଆମ୍ବେଦକରଙ୍କ ଭୂମିକା ଅବିସ୍ମରଣୀୟ । ସେ ଜାତିୟତାପ୍ରେମୀ ଓ ସଂସ୍କାରବାଦୀ ମେଧାବୀ ଓ ପରିଶ୍ରମୀ ଥିଲେ ।



# ପୁରୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ



**ପୁରୀ:** ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଲିକ ପରିବର୍ତ୍ତନ ଅଣାଯାଇଥିଲା । ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢ଼ତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଆଜି ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି । ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ନେତୃତ୍ୱକୁ ଜନ୍ମ ଦେଇଛି । ଉଦାହରଣ ସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ ମସିହାର ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗ ଦେଇଛନ୍ତି ବୋଲି କହିଥିଲେ। ପଞ୍ଚାୟତ ସ୍ତରରୁ ପ୍ରତିନିଧି ଭାବେ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି । ବିଗତ ଅଢ଼େଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା । ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲିସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ।

# ଗାଁ ବିକାଶ ପାଇଁ ୧୦ ହଜାର କୋଟି




**ପୁରୀ:** ପୁରୀ ତାଳବଣିଆ ପଡ଼ିଆରେ ଅନୁଷ୍ଠିତ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମିତି ଦୃଢ଼ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ସ୍ୱଷ୍ଟ ଭାବେ କହିଛନ୍ତି, ଆମ ଶାସନ ବ୍ୟବସ୍ଥାର ମୂଳକେନ୍ଦ୍ର ପଞ୍ଚାୟତିରାଜ ବ୍ୟବସ୍ଥା। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗ୍ରାମରେ ବାସ କରନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଗାଁର ବିକାଶ ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ। ଗାଁର ବିକାଶ ହିଁ ଉତ୍ତମ ପ୍ରାଶାସନିକ ମନ୍ତ୍ର ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ଅଢ଼େଇ ଦଶନ୍ଧି ଧରି ପଲ୍ଲୀସଭାକୁ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ କରି ଦିଆଯାଇଥିଲା। ଜଳ, ଜମି, ଜଙ୍ଗଲକୁ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯାଇଥିଲା। ସେଥିପାଇଁ ଗ୍ରାମୀଣ ବିକାଶଧାରା ଅଧାରେ ଅଟକିଯାଇଛି। ପଲ୍ଲୀସଭା ବଦଳରେ ସବୁକିଛି କେବଳ ପଞ୍ଚାୟତ ଖାତାରେ ଲିପିବଦ୍ଧ କରାଯାଉଥିଲା। ସେ ସମୟ ସରିଯାଇଛି। ଏବେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଗାଁରେ ରାସ୍ତା, ପାଣି, ସାଧନ କେନ୍ଦ୍ର, କମ୍ୟୁନିଟି ସେଣ୍ଟରଠାରୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ଅତୀତରେ ଇନ୍ଦିରା ଆବାସ ବଣ୍ଟନ ଦଳୀୟ ଭିତ୍ତିରେ କରାଯାଉଥିଲା। ଆମ ସରକାର ନୂଆ ସର୍ଭେ ପରେ ୧୫ ଲକ୍ଷରୁ ଅଧିକ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ୫ ଲକ୍ଷ ଭିନ୍ନକ୍ଷମ, ରୋଗୀ, ଅନାଥ, ନିରାଶ୍ରୟ ଓ ବିଧବା ମହିଳାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ତୁରନ୍ତ ଘର ଯୋଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।

# 'ରତ୍ନଭଣ୍ଡାର ମରାମତି କାମ ସରିଲେ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତର ହେବ'



**ପୁରୀ:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାମ ଜାରି ରହିଛି। ଏହି କାମ ଆଗାମୀ ଅକ୍ଷୟ ତୃତୀୟା (ଅପ୍ରେଲ ୩୦) ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମରାମତି କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କର ସୁନା ଏବଂ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ। ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ମରାମତି ଏବଂ ସଂରକ୍ଷଣ କାମ ଆସନ୍ତା ଏକ ମାସ ମଧ୍ୟରେ ସମାପ୍ତ ହେବ। ଏନେଇ ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜଷ୍ଟିସ ରଥ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସଆଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଯାହାକି ଆହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବ। ଭିତର ଭଣ୍ଡାରର ମରାମତି କାମ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ଭିତର ଏବଂ ବାହାର ଭଣ୍ଡାରକୁ ସଂଯୋଗ କରୁଥିବା ପାଞ୍ଚଟି ଜୀର୍ଣ୍ଣ ବିମ୍ ?କୁ ମଧ୍ୟ ଦୃଢ଼ ଷ୍ଟିଲ ବିମ୍ ସହିତ ବଦଳାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସଆଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଯାହାକି ଆହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବ। ଭିତର ଭଣ୍ଡାରର ମରାମତି କାମ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ବାହାର ଭଣ୍ଡାରର କାମ ଆରମ୍ଭ ହୋଇଯାଇଛି। ଆସନ୍ତା ରଥଯାତ୍ରା ପାଇଁ ରୀତିନୀତି ଯୋଗୁଁ କାମ ବେଳେବେଳେ ପ୍ରଭାବିତ ହେଉଛି। ତଥାପି, ପ୍ରତିଦିନ ପ୍ରାୟ ୩ରୁ ୪ ଘଣ୍ଟା କାମ କରାଯାଉଛି। ସ୍ନାନପୂର୍ଣ୍ଣିମା ପରେ ଏବଂ ପଟ୍ଟି ସେବା ସମୟରେ ଆମେ କୌଣସି କାମ କରିପାରିବୁ ନାହିଁ। ତେଣୁ ଅକ୍ଷୟ ତୃତୀୟା ସୁଦ୍ଧା କାମ ସମାପ୍ତ କରିବାକୁ ପ୍ରୟାସ ଜାରି ରହିଛି।

# ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଲା ଶ୍ରୀଜିଉଙ୍କର ବଡ଼ ମହାସ୍ନାନ



**ପୁରୀ:** ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ବଡ଼ ମହାସ୍ନାନ କରାଯାଇଛି। ଜଣେ ଭକ୍ତ ବାନ୍ତି କରିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ସୂଚନା ମୁତାବକ ସକାଳ ପ୍ରାୟ ସାଢେ ୮ଟା ସମୟରେ ଭିତର ଦର୍ଶନ ଚାଲିଥିବାବେଳେ ଭକ୍ତ ଜଣ ବାନ୍ତି କରିଦେଇଥିଲେ। ଏ ଅଘଟଣ ପରେ ପ୍ରାୟ ୧ ଘଣ୍ଟା ଧରି ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ମନ୍ଦିର ପରିସର ମଧ୍ୟରେ ଯଦି ରକ୍ତ ଛିଟା ପଡ଼େ, କିଏ ବାନ୍ତି କରିଦେଲେ କିମ୍ବା ମଳତ୍ୟାଗ କଲେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ ବନ୍ଦ କରାଯାଇଥାଏ । ପରେ ଚୂନ ପାଣି ପକାଯାଇ ଶୁଦ୍ଧିକରଣ କରାଯାଏ । ଏହାପରେ ପୂଜାପଣ୍ଡା ସେବକମାନେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି କରିଥାନ୍ତି।

# ଶ୍ରୀମନ୍ଦିର କ୍ୟାଲେଣ୍ଡର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ



**ପୁରୀ:** ଓଡ଼ିଆ ନୂଆ ବର୍ଷ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର ପ୍ରକାଶ ପାଇଛି। ପୂର୍ବରୁ ମହାପ୍ରଭୁଙ୍କ ନିକଟରେ ଏହି କ୍ୟାଲେଣ୍ଡର ଦେବାର୍ପଣ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହାକୁ ଲୋକାର୍ପଣ କରିଛନ୍ତି। ଏଥିସହ ପ୍ରଥମଥର ପ୍ରକାଶ ପାଇଥିବା ଶ୍ରୀମନ୍ଦିର ସୁଦୃଶ୍ୟ ସୂଚନା ପୁସ୍ତିକା ମଧ୍ୟ ଲୋକାର୍ପଣ ହୋଇଛି। ୨୦୨୫ ମହାବିଷୁବ ସଂକ୍ରାନ୍ତିଠାରୁ ୨୦୨୬ ରାମାଭିଷେକ ନୀତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣୀ ଓ ଯାନିଯାତ୍ରାର ସୂଚନା ଏହି କ୍ୟାଲେଣ୍ଡରରେ ସ୍ଥାନିତ ହୋଇଛି। ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ସେବାୟତ ନେଲେ ପ୍ରଶିକ୍ଷଣ

## ଦଶଟି ବିନ୍ଦୁ ଉପରେ ଗୁରୁତ୍ୱାରୋପ




**ପୁରୀ:** ମହାପ୍ରଭୁଙ୍କ ଭକ୍ତମାନଙ୍କୁ ଏଣିକି ଶ୍ରୀମନ୍ଦିରର ସେବାୟତମାନେ ଭଲ ବ୍ୟବହାର ଦେଖାଇବେ। ଭକ୍ତମାନଙ୍କୁ ଆଉ ଦୁର୍ବ୍ୟବହାର କରିବେ ନାହିଁ। ଭକ୍ତମାନଙ୍କ ପ୍ରତି ଉତ୍ତମ ଆଚରଣ, ବ୍ୟବାହର ଓ ନୀତିକାନ୍ତି ନେଇ ସେବାୟତଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ଉଦ୍ଦେଶ୍ୟ ରଖି ଶ୍ରୀମନ୍ଦିର ସେବାୟତମାନଙ୍କୁ ଆଜିଠାରୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ ୨ ଦିନ ଧରି ଚାଲିବ। ନୀଳାଦ୍ରି ଭକ୍ତ ନିବାସରେ ସେବାୟତଙ୍କ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଶିବିରରେ ବିଭିନ୍ନ ନିଯୋଗର ସେବାୟତ ସାମିଲ ହୋଇଛନ୍ତି। ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଦିଆଯାଉଛି। ସୂଚନାଯୋଗ୍ୟ, ସେବାୟତଙ୍କ ବ୍ୟବହାର ନେଇ ଅନେକ ସମୟରେ ଭକ୍ତମାନେ ଅଭିଯୋଗ ଆଣିଥାନ୍ତି। ପୁରୀର ସେବାୟତମାନେ ଭକ୍ତମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ନୂଆ କଥା ନୁହେଁ।

# ଶ୍ରୀଜଗନ୍ନାଥ ଚେତନାକୁ ନିଜ ଭିତରେ ଭର୍ତ୍ତି କରିବାକୁ ହେବ: ସୌମ୍ୟରଂଜନ



**ପୁରୀ:** ଆମେ ସମସ୍ତେ ଏବେ ପ୍ରଚାର ଉପରେ ବିଶ୍ୱାସ କରୁଛୁ। ତିନି ତୁଣ୍ଡରେ ଛେଳି କୁକୁର ନ୍ୟାୟରେ କଥାଟି କହିବାକୁ ଚାହୁଁଛୁ। କିନ୍ତୁ ଜଗନ୍ନାଥଙ୍କ ପ୍ରଚାର କରିବା ଅପେକ୍ଷା ଜଗନ୍ନାଥଙ୍କ ଚେତନାକୁ ନିଜ ଭିତରେ ଭର୍ତ୍ତି କରି ଘୂରି ବୁଲିଲେ, ସେ ଆପେ ଆପେ ପ୍ରଚାରିତ ହେବେ, ସୁବାସିତ ହେବେ। ଏଥିପାଇଁ ଶୋଭାଯାତ୍ରା କିମ୍ବା ମାଇକ୍‌ର ଆବଶ୍ୟକତା ନାହିଁ। ୪୮ତମ ପ୍ରାଦେଶିକ ଚାରଣ ସମ୍ମିଳନୀ-୨୦୨୫ ଅବସରରେ ଦୁଦୁୱାଲା ଧର୍ମଶାଳାରେ ଆୟୋଜିତ ଶ୍ରୀଜଗନ୍ନାଥ ଚେତନା ମହାଧିବେଶନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ସାରା ଭାରତବର୍ଷରେ ଏକ ନକାରାତ୍ମକ ପବନ ବହୁଛି। ତାହାର ମହୌଷଧି ଏଇ ମହୋଦଧି କୂଳରେ ଅଛି। ଅନ୍ୟତମ ଅତିଥି ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ରଦାସ ମହାପାତ୍ର କହିଥିଲେ, ଏବେ ଆମ ପିଲା ଯୌଥ ପରିବାର କ'ଣ ଜାଣି ପାରୁନାହାନ୍ତି। ପରିବାର ଭିତରେ ସମ୍ପର୍କ ରହୁନି। ଶ୍ରୀଜଗନ୍ନାଥ ସଂସ୍କୃତି ଆମକୁ ଏହି ଯୌଥ ପରିବାର ସହ ପରିଚିତ କରାଇ ଆସୁଛି। ରତ୍ନବେଦିରେ ମହାପ୍ରଭୁ ପରିବାରବର୍ଗଙ୍କ ସହ ଉପବିଷ୍ଟ ହୋଇଛନ୍ତି। ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର ହେଲେ ଭାଙ୍ଗିବାକୁ ବସିଥିବା ପରିବାର ହସି ଉଠିବ।

# ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା



**ପୁରୀ:** ରାଜ୍ୟପାଳ ଙ୍କ ପୁରୀ ଜିଲ୍ଲା ଉନ୍ନୟନ ମୂଳକ ଯୋଜନା ର ସମୀକ୍ଷା ସମୟରେ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ସିଭିଲ ସୋସାଇଟିର କର୍ମକର୍ତ୍ତା ଙ୍କ ସହ ଆଲୋଚନା କରିଥିଲେ।ସାମାଜିକ ଅନୁଷ୍ଠାନ ଦି ବେଲ ର ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା ଦିବ୍ୟାଙ୍ଗ ସଂଘର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ,ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେସନର ସମ୍ପାଦକ ଗଗନ ବିହାରୀ ଦାସ ଓ ପିପୁଲସ ଫୋରମର ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟପାଳ ଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳ ଦୟା ନଦୀରେ ଯେପରି ନ ମିଶେ ଏବଂ କଣାସ ବାସି ସ୍ୱଚ୍ଛଜଳ କିପରି ପାଇବେ ସେଥି ପାଇଁ ବ୍ୟବସ୍ଥା କରିବା,ସ୍ୱାସ୍ଥ୍ୟ ସୁବିଧା ପାଇଁ ତୁରନ୍ତ ବାହାରକୁ ରୋଗୀ ନେବା ପାଇଁ ଜୀବନ ରକ୍ଷା କାରୀ ଆମ୍ବୁଲାନ୍ସର ବ୍ୟବସ୍ଥା, ଏବଂ ବର୍ଣ୍ଣ ୟୁନିଟ ବ୍ୟବସ୍ଥା, ପୁରୀ ର ପ୍ରଶାସନିକ ବ୍ୟବସ୍ଥା କୁ ସୁଦୃଢ଼ କରିବା ପାଇଁ ପୁରୀ ଜିଲ୍ଲା କୁ ଦୁଇ ରୁ ତିନୋଟି ସବ ଡିଭିଜନ ରେ ବିଭକ୍ତ କରିବା,ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ଓ କର୍ପସ ଫଣ୍ଡ ବ୍ୟବସ୍ଥା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ଆଧୁନିକ ପ୍ରଶିକ୍ଷଣ ଓ ଯନ୍ତ୍ର ପାତି ତଥା ଜେଟି ଓ ଏଫ୍ ଏଲ୍ ସି ବ୍ୟବସ୍ଥା,ପୁରୀ ର ବାକି ରହି ଥିବା ଅତିହ୍ୟ ସ୍ଥଳ ର ସୁରକ୍ଷା ସହିତ ଏହାର ଚିହ୍ନଟ, ପିଲିଗ୍ରୀମ ଟୁରିଯିମ୍ କୁ ବଢ଼ାଇବା, ବିଶାଳ ମୁକ୍ତ ସମୁଦ୍ର ତଟ ର ସୁରକ୍ଷା ପାଇଁ ବ୍ୟବସ୍ଥା,ପୁରୀ ଜିଲ୍ଲାର ସମସ୍ତ ଜଳମାର୍ଗରେ ପର୍ଯ୍ୟଟନ କ୍ରୀଡା ବା ସ୍ପୋର୍ଟ୍ସ ଟୁରିଜିମ ପାଇଁ ସରକାରୀ ପ୍ରୋତ୍ସାହନ, ଟ୍ରାନସ ଜେଣ୍ଡର ମାନଙ୍କ ଥଇଥାନ ବ୍ୟବସ୍ଥା, ଜରାନିବାସ ବ୍ୟବସ୍ଥା ଇତ୍ୟାଦି ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲାସ୍ତରୀୟ ପାରଳା ମହାରାଜାଙ୍କ ଜୟନ୍ତୀ ଅନୁଷ୍ଠିତ



**ପୁରୀ:** ତ୍ୟାଗ, ସେବା ଓ ପରୋପକାର ଦିବ୍ୟ ଗୁଣ।ଏହା ଅର୍ଥ ଦ୍ୱାରା ନୁହେଁ ନିଜ ଅକ୍ଳାନ୍ତ ପ୍ରଚେଷ୍ଟା ଓ ନିସ୍ୱାର୍ଥପର ପ୍ରତିବଦ୍ଧତା ଦ୍ୱାରା ହାସଲ କରାଯାଇପାରେ ବୋଲି ପ୍ରମାଣ କରିଛନ୍ତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ବୋଲି କହିଛନ୍ତି ଉପ ଜିଲ୍ଲାପାଳ ରାଜ କିଶୋର ଜେନା। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ଜିଲ୍ଲାପାଳ ଶ୍ରୀ ଜେନା ଜଣେ ମହାରାଜା ଭାବେ ସମସ୍ତ ସୁବିଧା ଓ ସ୍ୱଚ୍ଛନ୍ଦ ଜୀବନ ଅତିବାହିତ ର ସୁଯୋଗ ଥିବା ସତ୍ତ୍ୱେ ପାରଳା ମହାରାଜା ସ୍ୱତନ୍ତ୍ର ଓଡ଼ିଶା ଗଠନ, ଭାଷାର ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସାମାଜିକ ସେବା ଇତ୍ୟାଦି ପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିଥିଲେ।ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ତ୍ୟାଗ ଓ ସଂସ୍କାର କରିଛନ୍ତି।ଆଜିର ଦିବସରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇବା ସହ ତାଙ୍କ ଜୀବନୀରୁ ସେବା ପାଇଁ ଯଦି କିଛି ଶିଖି ଆମ ଜୀବନରେ ଲଗାଇ ପାରିବା ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ।

# ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା: ଫୁଟିବନି ବାଣ, ଭକ୍ତ-ସେବାୟତଙ୍କ ପାଇଁ ବୀମା ବ୍ୟବସ୍ଥା



**ପୁରୀ:** ଶ୍ରୀକ୍ଷେତ୍ର ପୁରୀରେ ୩୦ ତାରିଖ (ଅକ୍ଷୟ ତୃତୀୟା) ଠାରୁ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ ଯାତ୍ରା ୨୧ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ଥର ଚନ୍ଦନ ଯାତ୍ରାରେ ବାଣ ନିଷିଦ୍ଧ କରାଯାଇଛି। ଭକ୍ତ ଓ ସେବାୟତଙ୍କ ପାଇଁ ବୀମା ବ୍ୟବସ୍ଥା କରାଯାଇଛି। ଛତିଶାନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ପୁରୀ ଚନ୍ଦନଯାତ୍ରା ବେଳେ ଏଥର ବାଣ ଫୁଟିବ ନାହିଁ। ଭକ୍ତ ତଥା ସାଧାରଣ ଲୋକଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ବ୍ୟବସ୍ଥା କରାଯାଇଛି। ଭକ୍ତ ଓ ସେବାୟତଙ୍କ ପାଇଁ ବୀମା ବ୍ୟବସ୍ଥା କରାଯିବ। ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟକୁ ଛତିଶାନିଯୋଗର ଅନୁମୋଦନ ଦେଇଛି। ନରେନ୍ଦ୍ର ପୁଷ୍କରିଣୀ ବାହାରେ ୨ଟି ଫାଷ୍ଟଏଡ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି।

# ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରସ୍ତୁତି: ଖୁବ୍ ଶୀଘ୍ର ଦାଖଲ ହେବ ନାମାଙ୍କନପତ୍ର



**ପୁରୀ:** ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଆଶା ପୁଣି ଜାଗିଛି। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଅମୂର୍ତ୍ତ (ଇନ୍‌ଟାଞ୍ଜିବଲ୍) ସାଂସ୍କୃତିକ ଐତିହ୍ୟ ମାନ୍ୟତା ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ଏ ନେଇ ନାମାଙ୍କନପତ୍ର ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ଏହା ଦାଖଲ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱପ୍ରସିଦ୍ଧ ଏହି ମହାର୍ଘ ଯାତ୍ରାର ମହାନତା ଉପଲବ୍ଧି କରି କର୍ତ୍ତୃପକ୍ଷ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରାଯାଇଛି। ରଥଯାତ୍ରାକୁ ୟୁନେସ୍କୋ ମୋହର ମିଳିବା ଆଶାରେ ୨୦୨୨ ନଭେମ୍ବରରେ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍ତତଃ ୨୦୨୩ ରଥଯାତ୍ରା ପୂର୍ବରୁ ଏହି ମାନ୍ୟତା ମିଳିବା ନେଇ ଆଶା ରହିଥିଲା। ମାତ୍ର ପ୍ରକ୍ରିୟା ବିଳମ୍ବ ହେବାରୁ ଏଥିରେ ସଫଳତା ମିଳିପାରି ନଥିଲା। ଏହି ମାନ୍ୟତା ମିଳିବା ଲକ୍ଷ୍ୟ ନେଇ ଏକ କମିଟି ଗଠନ ହେବା ସହ ଏ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ପ୍ରସ୍ତୁତ କରିବାକୁ ସେତେବେଳେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ରଥଯାତ୍ରା ବିଶ୍ୱପ୍ରସିଦ୍ଧ ହୋଇଥିଲେ ମଧ୍ୟ ୟୁନେସ୍କୋ ପକ୍ଷରୁ ମାନ୍ୟତା ଦିଆଯିବା ଫଳରେ ଅନ୍ତର୍ଜାତୀୟସ୍ତରରେ ରଥଯାତ୍ରାର ଆହୁରି ପରିବ୍ୟାପ୍ତ ଓ ପ୍ରସିଦ୍ଧି ବଢ଼ିବ। ସେଇ ଦୃଷ୍ଟିରୁ ୨୦୨୨ ଅକ୍ଟୋବର ମାସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ବର୍ଷ ନଭେମ୍ବର ୪ ତାରିଖରେ ଶ୍ରୀମନ୍ଦିର ପ୍ରଶାସନକୁ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ଚିଠି ଦେଇଥିଲେ। ଚିଠି ମୁତାବକ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ସେଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ୨ ଜଣ ମଠାଧୀଶ ରହିଥିଲେ। ଏକ ଘରୋଇ ଏଜେନ୍ସି ଏ କ୍ଷେତ୍ରରେ ସେତୁ ଭଳି କାମ କରିଥିଲା। କିନ୍ତୁ ଏହା ପରେ ପ୍ରକ୍ରିୟା ଧିମା ପଡ଼ିଗଲା। ରିପୋର୍ଟ ୨୦୨୩ ମସିହାରୁ ପ୍ରସ୍ତୁତ ସରିଥିଲା। ଉକ୍ତ ବର୍ଷ ଫେବ୍ରୁଆରି ମାସରେ ମ୍ୟାନେଜିଂ କମିଟି ସଦସ୍ୟଙ୍କୁ ପ୍ରସ୍ତୁତ ହୋଇଥିବା ରିପୋର୍ଟ ତର୍ଜମା କରିବାକୁ ଦିଆଯାଇଥିଲା। ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟିର ୫ ଜଣ ସେବାୟତ ସଦସ୍ୟ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସଂଶୋଧନ କରିଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ ମଧ୍ୟ ଏହି ରିପୋର୍ଟ ପଠାଯାଇଥିଲା। ମାର୍ଚ୍ଚ ମାସ ଶେଷ ସୁଦ୍ଧା ରିପୋର୍ଟ ଦିଆଯାଇଥିଲା। ତେବେ ବିଳମ୍ବ ଯୋଗୁ ଉକ୍ତ ବର୍ଷ ଏହି ମାନ୍ୟତା ପାଇବା ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ହୋଇପାରିନଥିଲା। ୨୦୨୪ରେ ମଧ୍ୟ ଏହି ଲକ୍ଷ୍ୟ ସାଧନ ହୋଇପାରିଲା ନାହିଁ। ତେବେ ଚଳିତ ବର୍ଷ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ପାଢ଼ୀଙ୍କ ଉଦ୍ୟମ କ୍ରମେ ଅନ୍ତତଃ ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଏହି ମାନ୍ୟତା ମିଳିଯିବା ନେଇ ଆଶା ଜାଗ୍ରତ ହୋଇଛି।

# ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଧନ୍ୟବାଦ



**ସୂର୍ଯ୍ୟବଂଶୀ ସୂରଜ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ, ଓଡ଼ିଶା ସରକାର

ଚଳିତବର୍ଷ ଓଡ଼ିଶାରେ ପ୍ରଥମ ଥର ପାଇଁ ପାଳିତ ହୋଇଛି ଓଡ଼ିଆ ପକ୍ଷ । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ବହୁ ଆଡ଼ମ୍ବର ସହକାରେ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ'ର ପାଳନ କରାଯାଇଥିଲା । ଓଡ଼ିଆ ପକ୍ଷ ପାଳନକୁ ଓଡ଼ିଆ ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତାର ମହାପର୍ବ ରୂପେ ପାଳନ କରାଯିବା ସହିତ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ନିଜର ଦୈନନ୍ଦିନ ଜୀବନର ଅଂଶବିଶେଷ କରି ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଦେଶ କ୍ରମେ ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲି-ଚଳଣି, ଖାଦ୍ୟ-ପାନୀୟ, ପୋଷାକ-ପରିଧାନ ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଦୀର୍ଘ ୧୪ ଦିନ ଧରି ଓଡ଼ିଶାର ପ୍ରତ୍ୟେକ ବ୍ଲକଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା । ତେବେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ପାଇବାର ଦୀର୍ଘ ୯୦ ବର୍ଷ ପରେ ଓଡ଼ିଆ ପକ୍ଷ ପାଳନ କରାଯିବାର କଣ ପ୍ରୟୋଜନ ରହିଥିଲା, ତାହା ଅନେକଙ୍କ ମନରେ ହୁଏତ ପ୍ରଶ୍ନବାଚୀଟିଏ ସୃଷ୍ଟି କରିପାରେ କିନ୍ତୁ ଏହାର ଗଭୀର ବିଶ୍ଳେଷଣ କଲେ ମନେ ହୁଏ ଯେ ଓଡ଼ିଆ ମନର ଗଭୀର ଆବେଗ, ଓଡ଼ିଆ ପ୍ରାଣର ଆତ୍ମସ୍ପନ୍ଦନ ଏବଂ ଓଡ଼ିଆ ଚିନ୍ତାଚେତନାର ଅଭିବ୍ୟକ୍ତିକୁ ପ୍ରତୀତ କରିବା ପାଇଁ ଓଡ଼ିଆ ପକ୍ଷ ପାଳନର ବହୁ ଆବଶ୍ୟକତା ରହିଥିଲା । ଆମ ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ, ଅନୈକ୍ୟ ମଧ୍ୟରେ ଐକ୍ୟ, ବୈସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ ଏବଂ ବୈଷମ୍ୟ ମଧ୍ୟରେ ସାମ୍ୟ ଦୃଷ୍ଟି କରିବା ହିଁ ହେଉଛି ଆମ ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ର । ଅନେକ ଶୂରବୀର, ବରପୁତ୍ରମାନଙ୍କ ପବିତ୍ର ଜନ୍ମମାଟି ଓଡ଼ିଶା, ସମୃଦ୍ଧ କଳା, ଶିଳ୍ପ ଓ ଭାସ୍କର୍ଯ୍ୟ, ସୁଦୀର୍ଘ ନଦୀ, ପର୍ବତ, ମନ୍ଦିର, ସରସ ସୁନ୍ଦର ସବୁଜିମା, ସୁନୀଳ ବେଳାଭୂମି ଏବଂ ସମ୍ମୋହିତ ପର୍ଯ୍ୟଟନ ବିଭବରେ ପରିପୂର୍ଣ୍ଣ । ତେବେ, ଅନେକ ସାମ୍ରାଜ୍ୟ ଓ ଜାତିର ଉତ୍ ?ଥାନ ପତନ ହେବା ଭଳି ଏହି ଓଡ଼ିଆ ଜାତି ମଧ୍ୟ ଅନେକ ବାଧାବିଘ୍ନ ଦେଇ ଗତିକରିଛି ।୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଏବଂ ପରେପରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ଅବନତି ଆଡ଼କୁ ଗତି କରିବା ଆଦି ଘଟଣାକ୍ରମ ଓଡ଼ିଆ ଜାତିର ମେରୁଦଣ୍ଡ ଉପରେ ଏକ ଶକ୍ତି ପ୍ରହାର ରହିଥିଲା ସତ, କିନ୍ତୁ ଏହା ଓଡ଼ିଆ ମନର ସ୍ୱାଭିମାନକୁ ଭାଙ୍ଗିବାରେ ଅକ୍ଷମ ହୋଇଥିଲା । ଫଳସ୍ୱରୂପ ଓଡ଼ିଆ ପରିଚୟ ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତାକୁ ନେଇ ହୋଇଥିବା ମୁକ୍ତି ସଂଗ୍ରାମରେ ଗୌରବୋଦୀପ୍ତ ଓଡ଼ିଆ ଜାତି ସାମିଲ ହୋଇଥିଲା । ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର, ବ୍ୟାସକବି ଫକୀରମୋହନ, ସ୍ୱଭାବ କବି ଗଙ୍ଗାଧର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଗୋପାଳଚନ୍ଦ୍ର ପ୍ରହରାଜ, ଭକ୍ତକବି ମଧୁସୂଦନ ରାଓ, ମା' ରମାଦେବୀଙ୍କ ଭଳି ଅନେକ ଭାଷାପ୍ରେମୀଙ୍କ ଅନବଦ୍ୟ ଅବଦାନରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ପ୍ରାପ୍ତ କରିଥିଲା । ଓଡ଼ିଆ ଭାଷା ହିଁ ହୋଇଥିଲା ଓଡ଼ିଆ ଜାତୀୟତାର ମୂଳଭିତ୍ତି । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ଆମ ବରପୁତ୍ରମାନଙ୍କର ସାମୁହିକ ଉଦ୍ୟମ ଏବଂ ଭାଷାର ସାମର୍ଥ୍ୟକୁ ପ୍ରତିପାଦିତ କରିଥିଲା । କିନ୍ତୁ, ଏବେ ପ୍ରଶ୍ନ ଉଠେ ଯେ, ବର୍ତ୍ତମାନ ସମୟରେ ଆମେ ଆମ ଇତିହାସ, ସଂସ୍କୃତି, ବୀରତ୍ୱ, ସାମର୍ଥ୍ୟ ଓ ପରିଚୟ ସହିତ କେତେ ସଂପୃକ୍ତ ? ଆଜିର ଏହି କୃତ୍ରିମ ବୁଦ୍ଧିମତା ଯୁଗର ଆଧୁନିକ ସ୍ୱପ୍ନରେ ଅତୀତର ସ୍ୱର୍ଣ୍ଣିମ ପୃଷ୍ଠା ସବୁ ବିସ୍ମୃତ ହୋଇଯାଇନି ତ ? ୧୮୭୦ ମସିହାରେ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପଣ୍ଡିତ କାନ୍ତଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଉକ୍ତି 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ' ଏବଂ ଏହି ଘଟଣାର ପ୍ରାୟ ୧୫୦ ବର୍ଷ ପରେ ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତା ଉପରେ ପର୍ଯ୍ୟବେସିତ । ବିଭିନ୍ନ ସଫ୍ଟୱେୟାର ଆପ୍ ?ର ଉତ୍ତର 'ଆଇ ଡୋଣ୍ଟ ଅଣ୍ଡରଷ୍ଟାଣ୍ଡ ଓଡ଼ିଆ ଯେଟ ଏକ ଅସହଜ ସାମଞ୍ଜସ୍ୟ ଭଳି ମନେହୁଏ । ଓଡ଼ିଆ ଘରର ବାହାଘର ପାରମ୍ପରିକ ବସ୍ତ୍ର ଧୋତି ଏବଂ ବଉଳ ପାଟର ସ୍ଥାନ ବର୍ତ୍ତମାନର ଶେରୱାନି ଓ ଲେହେଙ୍ଗା ନେବା, ଆରିଶା ଓ ଗଇଁଠା ପିଠାକୁ ଆଦରି ନେବା ଯାଗାରେ ପ୍ୟାନକେକ୍ ?ର ଯୁଗ ଆସିବା, ଆଇ ମା' ର ସେ 'ଧୋ ରେ ବାୟା' ଗୀତର ଶୂନ୍ୟସ୍ଥାନ ଆଧୁନିକ ଗୀତରେ ପରିପୂର୍ଣ୍ଣ ହେବା ସମୟର ଏବଂ ଗାଁ ଗହଳିରେ ଥଟ୍ଟା-ମଜା, ମଉଜ- ମଜଲିସ ଏବେ ଗହଳିପୂର୍ଣ୍ଣ ସପିଙ୍ଗ ମଲର ସେହି ନିର୍ଜନ କ୍ୟାଫେରେ ଏକତ୍ର ବସିବାର ପ୍ରଥାରେ ପରିଣତ ହେବା ହୁଏତ ସମୟର ଗତିଶୀଳତା ମଧ୍ୟରେ ପରିବର୍ତ୍ତନର ମାର୍ଗ ଭଳି ପ୍ରତୀୟମାନ ହୁଏ୫ କିନ୍ତୁ ଏହା ନିଶ୍ଚିତ ଭାବରେ ଓଡ଼ିଆ ମନକୁ ଆନ୍ଦୋଳିତ କରେ । ଏହାର ଆବଶ୍ୟକତା, ଯଥାର୍ଥତା ଏବଂ ଉପାଦେୟତା ଓଡ଼ିଆ ମନରେ ିରୋଧାଭାସର ଭାବନାକୁ ମଧ୍ୟ ଜାଗରଣ କରିଥାଏ । ତେଣୁ ମନର ଏହି ଆନ୍ଦୋଳନ ଏବଂ ବିରୋଧାଭାବର ଦୋଛକିରେ ଓଡ଼ିଆ ପ୍ରତିବେ ପୁନର୍ଜୀବିତ କରିବାର କଳ୍ପନାରେ ପରିକଳ୍ପିତ ହୋଇଥିଲା-'ଓଡ଼ିଆ ପକ୍ଷ' । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉଦ୍ୟମରେ ଆରମ୍ଭ ହୋଇଥିଲା ଓଡ଼ିଶା, ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିକୁ ନେଇ ଉତ୍ସବମୁଖର ହେବାର ଏହି ମହାର୍ଘ୍ୟ ଅବସର । ସାରା ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ମାସର ପହିଲା ପକ୍ଷକୁ ଓଡ଼ିଆ ପକ୍ଷ ଭାବେ ପାଳନ କରିଲେ ଓଡ଼ିଶାବାସୀ । ଓଡ଼ିଆ ପକ୍ଷ ପାଳନର ପ୍ରତ୍ୟେକ ଦିବସ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲା । ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶାର ପ୍ରତିଷ୍ଠା ନିମନ୍ତେ 'ଓଡ଼ିଶା ଦିବସ', ବିଦ୍ୟା ଅୟମାରମ୍ଭ ନିମନ୍ତେ 'ଖଡ଼ିଛୁଆଁ ଉତ୍ସବ', ବୟନ ଅସ୍ମିତାର ମହାପର୍ବ 'ଆମ ପୋଷାକ ଆମ ପରିଚୟ', ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ନିମନ୍ତେ 'ଓଡ଼ିଆ ନାମଫଳକ ସଚେତନତା ଅଭିଯାନ', ଓଡ଼ିଶାର ଗୌରବମୟ ଐତିହ୍ୟକୁ ବିଶ୍ୱବିଦିତ କରିବା ନିମନ୍ତେ 'ଐତିହ୍ୟ ଗଣଦୌଡ଼, ଆମ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକରେ 'ସ୍ୱଚ୍ଛତା ଅଭିଯାନ', ଭାଷା ଜ୍ଞାନର ପ୍ରାରମ୍ଭିକ ପୁସ୍ତକ 'ବର୍ଣ୍ଣବୋଧ ବଣ୍ଟନ ଉତ୍ସବ', ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ 'ରକ୍ତଦାନ ଅଭିଯାନ' ପୁସ୍ତକ ପଠନକୁ ଲୋକପ୍ରିୟ କରିବା ପାଇଁ 'ଆସ ବହିଟିଏ କିଣିବା ଅଭିଯାନ', ଆମ ସମୃଦ୍ଧ ଲୋକକଳା ପାଇଁ 'ଲୋକକଳା ପାଇଁ ଦିନଟିଏ, ସାହିତ୍ୟ ଦଳନକୁ ପ୍ରୋତ୍ସାହନ ଦେବା ପାଇଁ 'ଯୁବ ଲେଳ ସମ୍ମିଳନୀ', ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ପାଇଁ 'ବରପୁତ୍ରଙ୍କ ଉପରେ ଆଲୋଚନା ଚକ୍ର', ଓଡ଼ିଆ ଘରର ନଅ ତିଅଣ, ଛଅ ଭଜାର ପ୍ରଚାରପ୍ରସାର ପାଇଁ 'ଆମ ରୁଚି ଆମ ଖାଦ୍ୟ ଏବଂ ଶେଷରେ ଓଡ଼ିଆ ନବବର୍ଷକୁ 'ଆମ ନବ ବର୍ଷ ଆମ ଗୌରବ ଦିବସ' ଭାବରେ ପାଳନ କରାଯାଇଥିଲା । ଓଡ଼ିଆ ପକ୍ଷ ପାଳନର ପ୍ରତ୍ୟେକ ଦିବସ ନିଜକୁ ନିଜ ସହିତ ପୁନଃ ସମ୍ପର୍କିତ ଏବଂ ପୁନଃ ସଂଯୋଜିତ କରିବାର ଅବସର ପ୍ରଦାନ କରିଥିଲା । ଓଡ଼ିଆ ପକ୍ଷ ପାଳନର ପରିକଳ୍ପନା ସେତେବେଳେ ସଫଳ ଦୋଇଥିଲା ଯେତେବେଳେ ସାଧାରଣ ଲୋକେ ଏହାକୁ ନିଜର ଭାବି ଏଥ ?ିରେ ସଂଶ୍ଳିଷ୍ଟ ହୋଇଥିଲେ । ଛାତ୍ରଛାତ୍ରୀ, ଯୁବକଯୁବତୀ, ସ୍ୱେଚ୍ଛାସେବୀ ଏବଂ ସାମଗ୍ରିକ ଭାବରେ ସାଧାରଣ ଲୋକେ ଯେଉଁ ଉତ୍ସାହ ଓ ଉଦ୍ଦୀପନାର ସହିତ ଏହି ଉତ୍ସବରେ ସାମିଲ ହୋଇଥିଲେ ତାହା ଆମ ସମସ୍ତଙ୍କୁ ଅଭିଭୂତ କରିଛି । ଓଡ଼ିଆ ପକ୍ଷ ପାଳନ ପାଇଁ ନିର୍ମିତ ସ୍ୱତନ୍ତ୍ର ୱେବସାଇଟ www odiapakhya.com ରେ ଓଡ଼ିଆ ପକ୍ଷ କୁଇଜ୍‌ରେ ଭାଗନେଇ ୩ଲକ୍ଷରୁ ଉର୍ଦ୍ଧ୍ୱ ଡିଜିଟାଲ ପ୍ରମାଣପତ୍ର ଡ଼ାଉନଲୋଡ଼ ହେବା, ୧ ଲକ୍ଷରୁ ଉର୍ଦ୍ଧ୍ୱ ସେଲ୍ଫି ଅପଲୋଡ଼ ହେବା ଏବଂ ଓଡ଼ିଆ ପକ୍ଷ ପାଳନ ଅବସରରେ ନିର୍ମିତ ସଂଗୀତ "ମୁଁ ଓଡ଼ିଆ'କୁ ସାମାଜିକ ଗଣମାଧ୍ୟମରେ ବହୁ ମାତ୍ରାରେ ଭଲ ପାଇବା ମିଳିବା ଆଦି ଓଡ଼ିଶାବାସୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ଓଡ଼ିଆ ଜାତି ପାଇଁ ଗଳିପୂବା ନିଚ୍ଛକ ଭଲ ପାଇବାକୁ ସୂଚାଇ ଥିଲା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆମାନଙ୍କ ମଧ୍ୟରେ ରହିଥିବା ଜତ୍ସାହ, ଆକାଂକ୍ଷା ଓ ଉଦ୍ଦୀପନା ଓଡ଼ିଆ ଜାତିର ଏକପ୍ରକାର ନବକଳେବର କରିପାରିଛି ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ମୁଁ ଏପାଇଁ ମୋର ପ୍ରିୟ ଓଡ଼ିଶାବାସୀ ଏବଂ ଦୁନିଆର କୋଣଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆଙ୍କୁ ସହୃଦୟତାର ସହ ଧନ୍ୟବାଦ ଜ୍ଞାପନ କରୁଛି । ଆଜି ଓଡ଼ିଆ ପକ୍ଷ ପାଳନର ସମାପନ ହୋଇଛି ସତ, କିନ୍ତୁ ମାତୃଭୂମି ଓଡ଼ିଶା ଓ ମାତୃଭାଷା ଓଡ଼ିଆକୁ ଭଲ ପାଇବା କେବେହେଲେ ସମୟଚକ୍ର ମଧ୍ୟରେ ଆବଦ୍ଧ ହୋଇନପାରେ । ଓଡ଼ିଆ ପକ୍ଷ ପାଳନ ସମାରୋହ ଆମକୁ ସୂଚାଇଦେଇଛି ଯେ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନ ନିମନ୍ତେ ଓଡ଼ିଆ ସଂସ୍କୃତିର ପୁନଃଜାଗରଣ ହେବାର ଏକାନ୍ତ ଆବଶ୍ୟକତା ରହିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମିଶନ ପୂର୍ବୋଦୟ ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ ଆଦିର ପ୍ରମୁଖ ଭୂମିକା ମଧ୍ୟ ରହିଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ପାଳିତ ହୋଇଥିବା ଓଡ଼ିଆ ପକ୍ଷକୁ ଏକ ଜନ ସମାରୋହରେ ରୂପାନ୍ତରିତ କରିବାରେ ଆମ ଯୁବପିଢ଼ିଙ୍କ ଉଦ୍ୟମ ଆମକୁ ଆହୁରି ମଧ୍ୟ ଓଡ଼ିଆ ମନସ୍କ ହେବା ପାଇଁ ପ୍ରେରଣା ଯୋଗାଇଛି । ତେବେ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସହିତ ସମ୍ପୃକ୍ତ ନେବାର ଏହି ଗାଡିକୁ ଆହୁରି ବଜାନିତ କରିବା ଏବଂ ଆମ ଓଡ଼ିଆ ଅସ୍ମିତାକୁ ବିଶ୍ୱବିଦ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

# ପାଠକର ପୁନଃ ଆବିଷ୍କାର



ଡ. ମୃଣାଳ ଚାଟାର୍ଜୀ

ଗଣମାଧ୍ୟମ, ବିଶେଷ କରି ମୁଦ୍ରିତ ଗଣମାଧ୍ୟମ (ଖବରକାଗଜ, ପତ୍ରପତ୍ରିକା) ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ (ରେଡିଓ, ଟେଲିଭିଜନ) ବଞ୍ଚି ରହିବା ପାଇଁ ଅର୍ଥ ଆବଶ୍ୟକ । ସରକାରୀ ଗଣମାଧ୍ୟମ କ୍ଷେତ୍ରରେ ଏହା ସରକାର ଖର୍ଚ୍ଚ କରନ୍ତି । ବେସରକାରୀ କ୍ଷେତ୍ରରେ ଏହା ବିଜ୍ଞାପନ ଉପରେ ନିର୍ଭରଶୀଳ । ଗଣମାଧ୍ୟମର ଏ 'ବିଜ୍ଞାପନ-ନିର୍ଭରଶୀଳତା' ଗୋଟିଏ ସ୍ତର ପରେ ତା'ର ସ୍ୱାଧୀନତା ଉପରେ ନକରାତ୍ମକ ପ୍ରଭାବ ପକାଉଛି ବୋଲି ଗଣମାଧ୍ୟମ ବିଶେଷଜ୍ଞମାନେ ମନେ କରନ୍ତି । ବସ୍ତୁତଃ ଏହା ସତ୍ୟ ବି । ଗୋଟେ ଗଣମାଧ୍ୟମ ଯଦି ବଞ୍ଚି ରହିବା ପାଇଁ ୮୦ ଶତାଂଶ ବିଜ୍ଞାପନ ଉପରେ ନିର୍ଭର କରେ, ତେବେ ବିଜ୍ଞାପନଦାତାମାନେ ତା'ଉପରେ ନିଜର ପ୍ରଭାବ ଜାହିର କରିବାର ଆଶଙ୍କା ବହୁତ । ସମ୍ପୃକ୍ତ ଗଣମାଧ୍ୟମର ଖବର ଲେଖିବା ଶୈଳୀ, ପ୍ରସ୍ତୁତି ଶୈଳୀ, ବିଷୟବସ୍ତୁ, ଆଙ୍ଗିକ, ଦୃଷ୍ଟିଭଙ୍ଗୀ- ସବୁ କ୍ଷେତ୍ରରେ ପ୍ରଭାବର ଆଶଙ୍କା ରହିଛି । ଏ ପ୍ରଭାବକୁ କିଏ ଅଳ୍ପ ବ୍ୟବହାର କରିପାରେ, କିଏ ବେଶି ବ୍ୟବହାର କରିପାରେ, କିନ୍ତୁ ଏ ପ୍ରଭାବ ନିଶ୍ଚିତ ଭାବରେ ରହିପାରେ । ସେଇଥି ପାଇଁ ମହାତ୍ମା ଗାନ୍ଧୀ ତାଙ୍କ ଖବରକାଗଜଗୁଡ଼ିକରେ ବିଜ୍ଞାପନ ଗ୍ରହଣ କରିବା ପାଇଁ ମନା କରୁଥିଲେ । ସେ କହିଥିଲେ ଯେ, ବିଜ୍ଞାପନ ଗ୍ରହଣ କଲେ, ବିଜ୍ଞାପନ ଦାତାଙ୍କ ବିରୁଦ୍ଧରେ ଆମେ କିଛି ଲେଖିପାରିବା ନାହିଁ । ଅର୍ଥାତ ମାନସିକ ଭାବେ ଆମେ ତାଙ୍କ ପାଖରେ ଋଣୀ ହୋଇ ରହିବା, ତେଣୁ ତାଙ୍କ ବିରୁଦ୍ଧରେ ଲେଖିବା ବେଳକୁ ଆମ ହାତ ବାନ୍ଧି ହେଇଯିବ । ସେଥିପାଇଁ ଖବରକାଗଜର ପ୍ରସାରଣରୁ ଲବ୍ଧ ଅର୍ଥରେ ହିଁ ଖବରକାଗଜ ବାହାର କରାଯାଉ ବୋଲି ସେ ସବୁବେଳେ କହୁଥିଲେ । ଅର୍ଥାତ୍, ଯିଏ ଏତାକୁ ପଢ଼ିବେ- ସେହିଁ ଏହାର ପ୍ରକାଶନ ଓ ବିତରଣ ବାବଦ ଖର୍ଚ୍ଚ ବହନ କରନ୍ତୁ । ତାଙ୍କ ଖବରକାଗଜଗୁଡ଼ିକ ସେ ସମୟରେ ବେଶ୍ ଜନାଦୃତ ଥିଲା । ତା'ର ପ୍ରସାରଣ ବି ଭଲ ଥିଲା, ତା'ର ପ୍ରଭାବ ବି ଭଲ ଥିଲା । ପରବର୍ତ୍ତୀ ସମୟରେ ଖବରକାଗଜ ଏବଂ ଟେଲିଭିଜନ ଚ୍ୟାନେଲ୍ର ଆୟ ଏବଂ ଲାଭକୁ ବଢ଼େଇବା ପାଇଁ ବିଜ୍ଞାପନ ଉପରେ ନିର୍ଭରଶୀଳତା ଧୀରେ ଧୀରେ ବଢ଼ିଲା । ଏ ନିର୍ଭରଶୀଳତା ବିଶ୍ୱାୟନ ଏବଂ ଉଦାରୀକରଣ ପରେ ବେଶି ବଢ଼ିଲା । ଧୀରେ ଧୀରେ ଗଣମାଧ୍ୟମ ପାଇଁ ସୁଧୀ ପାଠକ ତୁଳନାରେ ଖାଉଟି (କଞ୍ଜୁମର), ଯେଉଁମାନେ କେବଳ କିଣନ୍ତି - ସେମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଲେ । କାରଣ- ବିଜ୍ଞାପନ ଦାତାମାନେ ସେହି ଗଣମାଧ୍ୟମକୁ ହିଁ ବେଶି ବିଜ୍ଞାପନ ଦେଲେ, ଯାହାର ପାଠକ/ଦର୍ଶକ/ଶ୍ରୋତା ସଂଖ୍ୟା ଅଧିକ । ଏହା କ୍ରମଶଃ ଏମିତି ଏକ ସ୍ଥିତି ସୃଷ୍ଟି କରିବାକୁ ଲାଗିଲା, ଯେଉଁଠି ଗଣମାଧ୍ୟମ ସଂସ୍ଥାମାନେ ପାଠକ ବଦଳରେ ବିଜ୍ଞାପନ କେମିତି ଅଧିକ ମିଳିବ ତା' ଉପରେ ଅଧିକ ଗୁରୁତ୍ୱ ଦେବାକୁ ଲାଗିଲେ । ଏହା ଫଳରେ ସମାଜର କ'ଣ ଆବଶ୍ୟକତା ବଦଳରେ ଖବରକାଗଜଟିକୁ କିଣି ପଢୁଥିବା ଲୋକ କ'ଣ ଚାହୁଁଛି, ଅନ୍ୟାର୍ଥରେ ତାର ଚାହିଦା କଣ-ତା' ଉପରେ ବେଶି ଗୁରୁତ୍ୱ ଦେବା ପାଇଁ ଲାଗିଲେ । ଜଣଙ୍କର ଚାହିଦା ଏବଂ ଆବଶ୍ୟକତା ଏ ଦୁଇଟି ଏକା ଜିନିଷ ନୁହେଁ । ଏହା ଭିତରେ ଫରକ ଥାଇପାରେ । ଉଦାହରଣ ସ୍ୱରୂପ, ଜଣେ ମଧୁମେୟ ଆକ୍ରାନ୍ତ ଲୋକର ଆବଶ୍ୟକତା ହେଉଛି ପୁଷ୍ଟିକର ଖାଦ୍ୟ । କିନ୍ତୁ ସେ ଚାହୁଁଥାଇପାରେ ଅଧିକ ସର୍କରା ଜାତୀୟ ଖାଦ୍ୟ, ଅଧିକ ସ୍ନେହସାର ଜାତୀୟ ଖାଦ୍ୟ । ଗଣମାଧ୍ୟମ ଯେତେବେଳେ ପାଠକର ହିତକୁ ଦେଖିବ, ବୃହତ୍ତର ସମାଜର ଆବଶ୍ୟକତାକୁ ଦେଖିବ, ସେତେବେଳେ ସେ ଗୋଟିଏ ପ୍ରକାର ବିଷୟବସ୍ତୁ ମନୋନୟନ କରିବ । ଯେତେବେଳେ ସେ ଚାହିଦାକୁ ଗୁରୁତ୍ୱ ଦେବ, ସେତେବେଳେ ସେ ଆଉ ଗୋଟେ ପ୍ରକାର ବିଷୟବସ୍ତୁକୁ ଗୁରୁତ୍ୱ ଦେବ । ସାମ୍ପ୍ରତିକ ସମୟରେ ଭାରତରେ ବିଶ୍ୱାୟନ ଓ ଉଦାରୀକରଣ ପରେ (ଯାହା ମଧ୍ୟ-ଅଶୀ ଦଶକରୁ ଆରମ୍ଭ, ନବେ ଦଶକଠୁ ଅଧିକ ବ୍ୟାପକ ହେଲା) ବିଜ୍ଞାପନ ଦାତାମାନଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାପରେ ସମାଜର ଆବଶ୍ୟକତାଠୁ ଚାହିଦା ଗଣମାଧ୍ୟମରେ ବେଶି ଗୁରୁତ୍ୱ ପାଇବାକୁ ଲାଗିଲା । ଯାହା ଫଳରେ ଗଣମାଧ୍ୟମ ଅଧିକରୁ ଅଧିକ ବିଜ୍ଞାପନ ନିର୍ଭର ହେବାକୁ ଲାଗିଲା । ଗୋଟେ ସମୟରେ ସ୍ଥିତି ଏମିତି ପର୍ଯ୍ୟାୟରେ ପହଞ୍ଚିଲା ଯେ, ନିରୁତା ପାଠକ/ଦର୍ଶକ/ଶ୍ରୋତା ଆଉ ତାଙ୍କର ଆବଶ୍ୟକତା ପଡ଼ିଲାନି । ତାଙ୍କର ଆବଶ୍ୟକତା ପଡ଼ିଲା ବିଜ୍ଞାପନ ପଢୁଥିବା ଖାଉଟି । କଞ୍ଜୁମର୍ । ଏହାର ସିଧାସଳଖ ପ୍ରଭାବ ଗଣମାଧ୍ୟମର ବିଷୟ ନିର୍ବାଚନ ଏବଂ ଉପସ୍ଥାପନା ଉପରେ ପଡ଼ିଲା । ଖବରବାହୀ ଗଣମାଧ୍ୟମ/ନ୍ୟୁଜ ମିଡିଆ କ୍ରମଶଃ ଆମ୍ଭିକ ସ୍ତରରେ ସାଧାରଣ ଲୋକଙ୍କଠୁଁ ଦୂରେଇ ଯିବାକୁ ଲାଗିଲା । ଫଳରେ ଏହାର ବିଶ୍ୱସନୀୟତା (କ୍ରେଡିବିଲିଟଇ) ଉପରେ ପ୍ରଶ୍ନ ସୃଷ୍ଟି ହେଲା । ବିଶ୍ୱସନୀୟତା ହେଉଛି ଖବରବାହୀ ଗଣମାଧ୍ୟମର ସବୁଠାରୁ ବଡ଼ ସମ୍ପଦ । ଯେତେବେଳେ ତା' ଉପରେ ଆଙ୍ଗୁଳି ଉଠିବାକୁ ଲାଗିଲା ଖବରବାହୀ ଗଣମାଧ୍ୟମ ଧୀରେ ଧୀରେ ଗଣମାଧ୍ୟମ ଦୁନିଆରେ ପଛକୁ ଘୁଞ୍ଚିବାକୁ ଲାଗିଲେ । ଏ ସ୍ଥାନରେ ଆସିବାକୁ ଲାଗିଲା ୟୁଜ୍-ଜେନେରେଟେଡ୍ କନଟେଣ୍ଟ ବା ଗଣମାଧ୍ୟମ ଉପଭୋକ୍ତାମାନେ ନିଜେ ପ୍ରସ୍ତୁତ କରୁଥିବା ବିଷୟ । ଇଣ୍ଟରନେଟ୍ ମଞ୍ଚରେ ବିଶେଷ କରି ସାମାଜିକ ଗଣମାଧ୍ୟମ ବା ସୋସିଆଲ୍ ମିଡିଆ ମଞ୍ଚରେ ଏହା କରିବା ବୈଷୟିକ ଜ୍ଞାନ କୌଶଳ ଦୃଷ୍ଟିରୁ ଖୁବ ସହଜସାଧ୍ୟ ହୋଇଥିବାରୁ- ଏହା ଖୁବ ଦ୍ରୁତ ଗଣମାଧ୍ୟମ ଦୁନିଆରେ ନିଜ ସ୍ଥାନ ଅଧିକାର କରିବାକୁ ଲାଗିଲା । ଅନେକ ଗଣମାଧ୍ୟମ ବିଶେଷଜ୍ଞ ଏହାକୁ ପେଶାଦାର ଖବରବାହୀ ଗଣମାଧ୍ୟମର ମୃତ୍ୟୁ ଘଣ୍ଟାର ସୂଚନା ବୋଲି କହିବାକୁ ଲାଗିଲେ । ଏ ଧାରାରେ କରୋନା ମହାମାରୀ ସମୟରେ ଗୋଟେ ବଡ଼ ଧରଣର ପରିବର୍ତ୍ତନ ଆସିଲା । କରୋନା ମହାମାରୀ ସମୟରେ ବିଭିନ୍ନ କାରଣରୁ ମୁଦ୍ରିତ ଖବରକାଗଜର ପ୍ରସାରଣ ହଠାତ ବହୁତ କମିଗଲା । ଅନେକେ ସଂକ୍ରମଣ ଭୟରେ ଖବରକାଗଜକୁ ଘରକୁ ନେଲେ ନାହିଁ, ଅନେକ ସ୍ଥାନରେ ହକରମାନଙ୍କ ଯିବାଆସିବା ଉପରେ ନିଷେଧାଜ୍ଞା ଜାରି ହେଲା । ପାଠକ ସଂଖ୍ୟା କମିଯିବାରୁ ଏବଂ ସାମଗ୍ରିକ ଭାବେ ଦେଶର ଅର୍ଥନୈତିକ ଅବସ୍ଥାରେ ମାନ୍ଦା ଅବସ୍ଥା ଦେଖାଦେବାରୁ ବିଜ୍ଞାପନଦାତାମାନେ ବିଜ୍ଞାପନ ଦେବା ବନ୍ଦ କଲେ ବା କମେଇ ଦେଲେ । ତେଣୁ ଅଧିକାଂଶ ଖବରକାଗଜ ଏବଂ ଟେଲିଭିଜନ ଚ୍ୟାନେଲ୍ର ମୁଖ୍ୟ ଆୟର ସ୍ରୋତ ପାଖାପାଖି ବନ୍ଦ ହେଇଗଲା । ଯାହାର ପ୍ରଭାବ ସମ୍ବାଦବାହୀ ଗଣମାଧ୍ୟମର ବାଣିଜ୍ୟ ଉପରେ ପଡ଼ିଲା । ଅନେକ ଖବରକାଗଜ ବନ୍ଦ ହୋଇଗଲା, ଅନେକେ ଖର୍ଚ୍ଚ କାଟ୍ ପାଇଁ ତାଙ୍କ କଳେବରକୁ କମେଇ ଦେଲେ । କର୍ମଚାରୀ ସଂଖ୍ୟା କମ କରିବା ପାଇଁ ଛଟେଇ କଲେ । କର୍ମଚାରୀଙ୍କ ଦରମା କମେଇଦେଲେ । ଗଣମାଧ୍ୟମ କ୍ଷେତ୍ରରେ ଇଏ ଏକ ଅଦ୍ଭୁତ ବିଡ଼ମ୍ବନାର ସମୟ । ମହାମାରୀ ସମୟରେ ଲୋକେ ଖବର ଜାଣିବା ପାଇଁ ଚାହୁଁଥିଲାବେଳେ ସମ୍ବାଦବାହୀ ଗଣମାଧ୍ୟମଗୁଡ଼ିକ- ବିଶେଷ କରି ଖବରକାଗଜ ଏବଂ ଟେଲିଭିଜନ ପରି ପାରମ୍ପରିକ ମାଧ୍ୟମ (ଯାହାକୁ ଏବେ ଲିଗାସି ମିଡିଆ ବୋଲି କୁହାଯାଉଛି) ବଞ୍ଚିରହିବା ପାଇଁ ଲଢ଼େଇ କରିବାକୁ ପଡୁଥିଲା । ଏ ସମୟରେ ଗୋଟିଏ କଥା ଲକ୍ଷ୍ୟ କରାଗଲା ଯେ, ଅନଲାଇନରେ(ଇଣ୍ଟରନେଟ୍ ମଞ୍ଚରେ) ଖବର ପଢ଼ିବାର/ଦେଖିବାର ପ୍ରବଣତା ବଢ଼ିଛି । ଆଉ ଏଥିପାଇଁ ଲୋକେ ଅର୍ଥ ବ୍ୟୟ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ଖବରକାଗଜର ଅନ୍ଲାଇନ୍ ସଂସ୍କରଣର ଚାହିଦା ବଢ଼ିବା ସଙ୍ଗେ ତାର ଗ୍ରାହକ ସଂଖ୍ୟା (ସବସ୍କ୍ରିପସନ) ବଢ଼ୁଛି । ଏ ସମୟରେ ଲୋକେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅନଲାଇନ ବା ଇଣ୍ଟରନେଟ ଉପରେ ଅଧିକ ନିର୍ଭରଶୀଳ ହେଲେ । ପାଠପଢ଼ା, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ, ଟଙ୍କା ନେଣ ଦେଣ - ଏଭଳି ଅନେକ କ୍ଷେତ୍ରରେ ଅନଲାଇନ ବ୍ୟବହାର ଏ ବର୍ଷେ ଭିତରେ ବହୁତ ବଢ଼ିଲା । ଏହା ଖବରକାଗଜ ପାଠକଙ୍କ କ୍ଷେତ୍ରରେ ମଧ୍ୟ ଦେଖାଗଲା । ଯେଉଁ ଲୋକ ଆଗରୁ କେବଳ ମୁଦ୍ରିତ ଖବରକାଗଜ ପଢୁଥିଲେ, ସେମାନେ ବାଧ୍ୟ ହୋଇ ଅନ୍ଲାଇନରେ ଖବରକାଗଜ ପଢ଼ିଲେ । ଯେତେବେଳେ ପାଠକମାନେ ପଇସା ଦେଇ ଅନଲାଇନରେ ଖବରକାଗଜ ପଢ଼ିବାକୁ ଲାଗିଲେ, ସେତେବେଳେ ମିଡିଆ ହାଉସ୍ମାନେ ହୃଦୟଙ୍ଗମ କଲେ ଯେ, ଏହା ଏକ ଭଲ ଆୟର ଉପାୟ (ରେଭିନ୍ୟୁ ମଡେଲ) ହୋଇପାରିବ । ଭାରତରେ ଖବରକାଗଜର ଅନଲାଇନ ସଂସ୍କରଣ ବାହାରିବା ନୂଆ କଥା ନୁହେଁ । ଭାରତକୁ ଇଣ୍ଟରନେଟ ଆସିଲା ୧୯୯୫ରେ । ସେଇବର୍ଷ 'ହିନ୍ଦୁ' ହେଉଛି ଭାରତର ପ୍ରଥମ ଖବରକାଗଜ ଯାହାର ଅନଲାଇନ ସଂସ୍କରଣ ବାହାରିଥିଲା । ପରେ ବହୁ କାଗଜର ଅନଲାଇନର ସଂସ୍କରଣ ବାହାରିଥିଲା । ୨୦୧୮ ବେଳକୁ ଏ ଉପସ୍ଥିତି ଏବଂ ସାନ୍ଦ୍ରତା ଉଭୟ ବେଶ୍ ବଢ଼ି ଯାଇଥିଲା । କିନ୍ତୁ ଏଥିରୁ ବେଶି ଅର୍ଥ ଆୟ ହେଉପାରୁନଥିଲା । ଗୋଟେ ହିସାବରୁ ଦେଖାଯାଏ ଯେ ଖବରକାଗଜ ସଂସ୍ଥାର ମୋଟ ଆୟର ମାତ୍ର ୫ରୁ ୭ ଶତାଂଶ ଏହି ଅନ୍ଲାଇନ ସଂସ୍କରଣରୁ ଆସୁଥିଲା । ଯା ଭିତରେ ଗ୍ରାହକ ଚାନ୍ଦା ଏବଂ ଅନଲାଇନ ସଂସ୍କରଣରେ ବିଜ୍ଞାପନ ସାମିଲ । କରୋନା ମହାମାରୀ ସମୟରେ ଦେଖାଗଲା ଯେ, ଅନଲାଇନ ସବସ୍କ୍ରିପ୍ସନ ଓ ବିଜ୍ଞାପନ ଉଭୟରେ ବୃଦ୍ଧି ଘଟିଛି । ତେବେ ଅନ୍ଲାଇନ ବିଜ୍ଞାପନଠୁ ସବସ୍କ୍ରିପସନ୍ର ଅଧିକ ବୃଦ୍ଧି ଘଟିଛି । ଗଣମାଧ୍ୟମ ପରିଚାଳକମାନେ ଦେଖିଲେ ଯେ, ଗ୍ରାହକ-ଚାନ୍ଦା (ସବସ୍କ୍ରିପ୍ସନ) ହେଉଛି ଗୋଟେ ନିରାପଦ ରାଜସ୍ୱ ମଡେଲ । ବିଜ୍ଞାପନରୁ ଆସୁଥିବା ଅର୍ଥ ବିଜ୍ଞାପନ ଦାତାଙ୍କ ହାତରେ । ଆଜି ଦେଉଛନ୍ତି, କାଲି ବନ୍ଦ କରି ଦେଇପାରିବେ । କିନ୍ତୁ ସବସ୍କ୍ରିପ୍ସନ୍ କରୁଥିବା ପାଠକ/ଦର୍ଶକ ବର୍ଷେ ପାଇଁ ହେଉ ୬ ମାସ ପାଇଁ ହେଉ- ଏ ନିର୍ଦ୍ଧାରିତ ଅବଧି ପାଇଁ ଟଂକା ଆଗୁଆ ଦେଉଛନ୍ତି । କ୍ରମଶଃ ଗଣମାଧ୍ୟମର ପରିଚାଳକମାନେ ଅନଲାଇନ ସବସ୍କ୍ରିପ୍ସନ ଉପରେ ଗୁରୁତ୍ୱ ଦେବାକୁ ଲାଗିଲେ । କେବଳ ଭାରତରେ ନୁହେଁ, ବିଶ୍ୱର ସବୁ ଦେଶରେ ଏହାକୁ ଏବେ ଗୁରୁତ୍ୱ ଦିଆଯାଉଛି । ବେଶ୍ କିଛି ଭଲ ଖବରକାଗଜ ସମ୍ପୂର୍ଣ୍ଣ ଭାବରେ ସବସ୍କ୍ରିପ୍ସନ ଉପରେ ନିର୍ଭର କରି ଚାଲୁଛନ୍ତି । ଏହା ଫଳରେ ଆଉ ଗୋଟେ ବଡ଼ କଥା ହୋଇଛି । ପାଠକର ସବସ୍କ୍ରିପ୍ସନରେ ଯେତେବେଳେ ଖବରକାଗଜ ଚାଲିବ, ସେତେବେଳେ ବିଜ୍ଞାପନ-ଦାତାଙ୍କ ଉପରେ ତାଙ୍କର ନିର୍ଭରଶୀଳତା କମିବ । ଅର୍ଥାତ ଖବରକାଗଜର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିବ । ଦ୍ୱିତୀୟ କଥା, ସେମାନେ ପାଠକଙ୍କୁ ଖାଉଟି ଭାବରେ ନୁହେଁ- ନିରୁତା ପାଠକ ଭାବରେ ଦେଖିବେ । ପାଠକର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବେ । ଏହା ଖବରକାଗଜ ପାଇଁ ଏବଂ ସାମଗ୍ରିକ ଭାବେ ସମ୍ବାଦବାହୀ ଗଣମାଧ୍ୟମ ପାଇଁ ଏକ ଶୁଭ ସୂଚନା । ଗାନ୍ଧୀ ଯେଉଁଥିପାଇଁ ବିଜ୍ଞାପନ ନେଉନଥିଲେ, ବର୍ତ୍ତମାନ ସମୟରେ ସେଇ ଭାବଧାରାରେ ସବସ୍କ୍ରିପସନ ମଡେଲ୍କୁ ବେଶି ଆପଣା ଯାଉଛି- ଏ କଥା ହୁଏତ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । କିନ୍ତୁ ତାହା ଗୋଟେ ଦିଗ ମଧ୍ୟ ହୋଇପାରେ । ସମ୍ପୂର୍ଣ୍ଣ ସତ୍ୟଟି ହେଲା ମହାମାରୀ ସମୟରେ ଗଣମାଧ୍ୟମ ପରିଚାଳକମାନେ ଶିକ୍ଷାନେଲେ ଯେ, ଗୋଟେ ଏମିତି କିଛି ଘଟଣା ଘଟିପାରେ, ଯେଉଁଥିରେ ବିଜ୍ଞାପନ ଆସିବା ସମ୍ପୂର୍ଣ୍ଣ ବନ୍ଦ ହେଇପାରେ, ତେଣୁ ସବସ୍କ୍ରିପ୍ସନ୍ ମଡେଲ ହେଉଛି ଏକ ଆୟ ପାଇଁ ଏକ ନିରାପଦ ସୂତ୍ର । ସେଥିପାଇଁ ଗଣମାଧ୍ୟମ ପରିଚାଳକମାନେ କ୍ରମଶଃ ପୁଣି ପାଠକମାନଙ୍କ ଆଡ଼କୁ ଦୃଷ୍ଟି ଫେରାଇଲେଣି । ଗଣମାଧ୍ୟମ ପାଇଁ ଏହା ଏକ ଶୁଭ ସୂଚନା ।

*ସଂଚାର ମାର୍ଗ, ଢେଙ୍କାନାଳ ୭୫୯୦୦୧*

*(ଲେଖକ ସକ୍ରିୟ ସାମ୍ବାଦିକତାରୁ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରକୁ ଆସିଛନ୍ତି । ମତାମତ ବ୍ୟକ୍ତିଗତ ।)*

## ନୀତିଶିକ୍ଷା
# ଉତ୍କୃଷ୍ଟ ଓ ନିକୃଷ୍ଟ



ଭବତୋଷ ତ୍ରିପାଠୀ

ବହୁବର୍ଷ ପୂର୍ବର କଥା । ଦିନେ ଜଣେ ମହାନ ଧାର୍ମିକ ଗୁରୁ ତାଙ୍କର ଦୁଇଜଣ ଶିଷ୍ୟଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦେଇ ଏକମାସ ମଧ୍ୟରେ ତାହା ଗୁରୁଙ୍କ ନିକଟରେ ଉପସ୍ଥାପନ କରିବାପାଇଁ ଆଦେଶ ଦେଲେ । ଗୋଟିଏ ଶିଷ୍ୟକୁ ଏହି ଦାୟିତ୍ୱ ଦେଲେ ଯେ ସେ ପୃଥିବୀର ସବୁଠାରୁ ଉତ୍କୃଷ୍ଟ ବା ଉତ୍ତମ ବ୍ୟକ୍ତିକୁ ଖୋଜି ଆଣି ତାଙ୍କ ନିକଟରେ ଉପସ୍ଥିତ କରାଇବ । ଅନ୍ୟ ଶିଷ୍ୟଟିକୁ କୁହାଗଲା ସେ ପୃଥିବୀର ଅତି ନିକୃଷ୍ଟ ବା ଖରାପ ବ୍ୟକ୍ତିକୁ ଖୋଜି ଆଣି ଗୁରୁଙ୍କ ନିକଟରେ ଉପସ୍ଥିତ କରାଇବ । ଏକମାସ ବିତିଯିବା ପରେ ସେମାନେ ତାଙ୍କ ଗୁରୁଙ୍କ ନିକଟକୁ ଫେରି ଆସିଲେ । କିନ୍ତୁ ଦୁହେଁ ଏକା ଏକା ଫେରିଆସିଲେ । ଗୁରୁ ଯେତେବେଳେ ପଚାରିଲେ ଯେ ସେମାନଙ୍କ ସହ କାହିଁକି କାହାକୁ ଆଣି ନାହାନ୍ତି । ତହୁଁ ପ୍ରଥମ ଶିଷ୍ୟଟି ଉତ୍ତର ଦେଲା, – " ମୁଁ ପୃଥିବୀରେ ଉତ୍କୃଷ୍ଟ ମନୁଷ୍ୟ ଖୋଜିବାକୁ ଚେଷ୍ଟା କଲି । କିନ୍ତୁ ସମସ୍ତଙ୍କ ସହ ତୁଳନା କରି ଉପଲବ୍ଧି କଲି ଯେ ମୁଁ ସେମାନଙ୍କ ଅପେକ୍ଷା ଉତ୍ତମ । ତେଣୁ ମୁଁ ଆପଣଙ୍କ ନିକଟକୁ ସର୍ବୋତ୍କୃଷ୍ଟ ବ୍ୟକ୍ତି ଆଣିପାରିଛି । ସେ ହେଉଛି – ମୁଁ ନିଜେ ।" ତା'ପରେ ଗୁରୁଜୀ ଅନ୍ୟ ଶିଷ୍ୟଟିକୁ ଚାହିଁ ପ୍ରଶ୍ନକଲେ, – " ଆଚ୍ଛା ! ତୁମର ନିକୃଷ୍ଟ ବ୍ୟକ୍ତି କାହିଁ ?" ଗୁରୁଙ୍କ ପ୍ରଶ୍ନ ଶୁଣି ଆଖିରୁ ଧାରଧାର ଲୁହ ଝରାଇ ଦ୍ୱିତୀୟ ଶିଷ୍ୟଟି କହିଲା, –"ହେ ଗୁରଦେବ ! ମୁଁ ସର୍ବତ୍ର ଖୋଜିଲି । ଯେତେସବୁ ଲୋକଙ୍କୁ ମୁଁ ଭେଟିଲି ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ଉତ୍ତମ ଗୁଣ ଦେଖିବାକୁ ପାଇଲି । ସେମାନଙ୍କ ତୁଳନାରେ ମୋ ନିକଟରେ ବହୁ ଦୋଷ ଦୁର୍ବଳତା ରହିଛି । ତେଣୁ ସର୍ବଶେଷରେ ଭାବିଲି, ନିଶ୍ଚୟ ମୁଁ ହିଁ ପୃଥ ?ିବୀର ସବୁଠାରୁ ନିକୃଷ୍ଟ ବ୍ୟକ୍ତି । ତେଣୁ ଏକା ଏକା ଫେରି ମୋ ନିଜକୁ ନିକୃଷ୍ଟ ବ୍ୟକ୍ତି ଭାବରେ ଆପଣଙ୍କ ନିକଟରେ ଅର୍ପଣ କରୁଛି ।"

**ମର୍ମବାଣୀ :** ଦୁଇଜଣଯାକ ଶିଷ୍ୟ ଆମପରି ଏକା ପ୍ରକାର ବ୍ୟକ୍ତିଙ୍କୁ ଭେଟିଲେ । ଜଣେ ସମସ୍ତଙ୍କ ମଧ୍ୟରେ ଉତ୍ତମ ଗୁଣ ଦେଖିପାରିଲା, ଅନ୍ୟ ଜଣେ ସମସ୍ତଙ୍କ ମଧ୍ୟରେ ଖରାପ ଗୁଣଗୁଡ଼ିକ ଦେଖିଲା । କିଏ ଠିକ୍ ? ଏହା ଆମର ଲୋକଙ୍କୁ ଦେଖ ?ିବା ଓ ବିଚାର କରିବାର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭରଶୀଳ । ପ୍ରଥମ ଶିଷ୍ୟଟି ଯେ କି ଭାବିଲା ଯେ ସେ ହିଁ ସର୍ବୋତ୍କୃଷ୍ଟ, ସେ ଅହଂର ପ୍ରତୀକ ଏବଂ ଦ୍ୱିତୀୟ ଶିଷ୍ୟଟି ନିଜକୁ ନିକୃଷ୍ଟ ଭାବିବା ଦ୍ୱାରା ସେ ନମ୍ରତାର ପ୍ରତୀକ ଭାବରେ ପରିଚିତ ହେଲା । ଦୁହେଁଯାକ ରାଜା ହେଲେ । ଜଣେ ରାଜା ଦୁର୍ଯ୍ୟୋଧନ ଯେ କି ସମସ୍ତଙ୍କ ମଧ୍ୟରେ ମନ୍ଦଗୁଣ ଦେଖିଲେ, ଏବଂ ଅନ୍ୟଜଣେ ରାଜା ଯୁଧିଷ୍ଠିର, ଯେ କି ଜ୍ଞାନୀ ଓ ନମ୍ର ସେ ସମସ୍ତଙ୍କ ମଧ୍ୟରେ ଭଲଗୁଣ ଦେଖିଲେ । ଯେଉଁଠାରେ ଅହଂ ବା ବ୍ୟକ୍ତିବୋଧ ନିହିତ ଥାଏ, ସେଠାରେ ରାଗ, ହିଂସା ଏବଂ କପଟ ଦେଖାଯାଏ । କିନ୍ତୁ ଯେଉଁଠାରେ ନମ୍ରତା ଥାଏ, ସେଠାରେ ପ୍ରେମ, ଦୟା, ଧୈର୍ଯ୍ୟ ଏବଂ ହୃଦୟର ନିର୍ମଳତା ପ୍ରକାଶ ପାଇଥାଏ । ଆମେ ଅନ୍ୟ ନିକଟରେ ଭଲ ବା ମନ୍ଦ ଦେଖିବାଟା ଆମ ଅନ୍ତଃହୃଦୟ ଗୁଣର ପ୍ରତିଫଳନ ମାତ୍ର ।।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,
ପୁରୀ-୭୯୭୮୪୬୪୬୩୯



**ମେଷ ରାଶି-** ମାସଟି ଆପଣଙ୍କର ଶୁଭପ୍ରଦ ହେବ । ଦେହ ପ୍ରାୟ ଭଲରହିବ.କର୍ମକ୍ଷେତ୍ରରେ ସମ୍ମାନ ପାଇବେ.ଆୟ ଅତ୍ୟନ୍ତ ଭଲ ହେବ.ପାରିବାରିକ ଜୀବନ ସୁଖଶାନ୍ତିରେ କାଟିବେ.ବ୍ୟବସାୟ ଲାଭଦାୟକ ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଉତ୍ତମ ଫଳ ପାଇବେ ।

**ବୃଷ ରାଶି -** ମାସଟି ଆପଣଙ୍କର ମଧ୍ୟମ ଶୁଭପ୍ରଦ ରହିବ । ଦେହ ଓ ମନ ଭଲ ରହିପାରେ । କର୍ମକ୍ଷେତ୍ରରେ ଆଶା ରଖି ସଫଳ ହେବେ । ଆୟ ବ୍ୟୟ ପ୍ରାୟ ସମପରିମାଣ ରହିବ । ପରିବାରରେ କମ୍ ସୁଖଶାନ୍ତି ପାଇବେ । ବ୍ୟବସାୟରେ ଲାଭ । ଶିକ୍ଷାର୍ଥୀ ଆଗେଇବେ ।

**ମିଥୁନ ରାଶି -** ମାସଟି ଆପଣଙ୍କର ଏତେ ଭଲରେ ନଯାଇପାରେ । ଦେହ ସାଧାରଣତଃ ଭଲ ରହିବ । କର୍ମରେ ଅସ୍ଥିରତା ହୋଇପାରେ । ଆୟ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ । ବ୍ୟବସାୟରେ ସାମାନ୍ୟ ଲାଭ । ବିଦ୍ୟାର୍ଥୀମାନେ ପଢ଼ାରେ ମନ ଦେବେନାହିଁ ।

**କର୍କଟ ରାଶି -** ମାସଟି ଆପଣଙ୍କର ସେତେ ଶୁଭ ନାହିଁ । ଦେହ ଓ ମନ ଭଲ ନରହିପାରେ । କର୍ମକ୍ଷେତ୍ରରେ ଚିନ୍ତିତ ରହିପାରନ୍ତି । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ । ବ୍ୟବସାୟରେ ଲାଭ କ୍ଷତି ମିଶ୍ରିତ ହୋଇ ରହିବ । ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇ ପାରନ୍ତି ।

**ସିଂହ ରାଶି -** ମାସଟି ଆପଣଙ୍କର ସେତେ ଫଳ ଶୁଭ ନୁହେଁ । ସ୍ୱାସ୍ଥ୍ୟ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା । ଆୟ ଭଲ ରହିବ । ପାରିବାରିକ ଜୀବନ ଖୁସିରେ କାଟିବେ । ବ୍ୟବସାୟରେ ଅଧିକ ଲାଭ ପାଇବେ । ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଶୁଭଫଳ ପାଇବେ ।

**କନ୍ୟା ରାଶି -** ମାସଟି ଆପଣଙ୍କର ଖୁବ ଭଲରେ ଯିବ.ଦେହ ସୁସ୍ଥ ରହିବ । କର୍ମକ୍ଷେତ୍ରରେ ଆଶା ରଖି ସଫଳତା ପାଇବେ । ଆୟ ଆପଣଙ୍କର ଉତ୍ତମ ଅଟେ । ପାରିବାରିକ ଜୀବନରେ ସୁଖ ସମୃଦ୍ଧି ପାଇବେ । ବିଦ୍ୟାର୍ଥୀମାନେ ପଢ଼ାପଢିରେ ବିଚଳିତ ହୋଇପାରନ୍ତି ।

**ତୁଳା ରାଶି -** ମାସଟି ଆପଣଙ୍କର ଏତେ ଭଲ ନାହିଁ । କର୍ମକ୍ଷେତ୍ରରେ ଅଳ୍ପ ଗତିରେ ଆଗେଇବେ । ଆୟ ମଧ୍ୟମ ରହିବ । ପରିବାରରେ ସୁଖଦୁଃଖ ମିଶି ରହିବ । ବ୍ୟବସାୟରେ ଲାଭ ପାଇବେ । ବିଦ୍ୟାର୍ଥୀମାନେ ପଢ଼ାରେ ଆଗ୍ରହୀ ହେବେନି ।

**ବିଛା ରାଶି -** ମାସଟି ଆପଣଙ୍କର ଏତେ ଶୁଭଦାୟକ ନୁହେଁ । ଦେହ ପ୍ରାୟ ଭଲ ନରହିପାରେ । କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଆୟ ମଧ୍ୟମ ହେବ । ପାରିବାରିକ ଜୀବନରେ ଅଶାନ୍ତି ହେବ । ବ୍ୟବସାୟରେ ଅଳ୍ପ ଲାଭ । ବିଦ୍ୟାର୍ଥୀମାନେ ପଢ଼ାରେ ସେତେ ସୁଫଳ ପାଇବେ ନାହିଁ ।

**ଧନୁ ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ ଯିବ । ଦେହ ଓ ମନ ଭଲ ରହିବ.ଆଶା ସହ ଆଗେଇବେ ।ଆୟ ଖୁବ ଭଲ ହେବ । ପାରିବାରିକ ଜୀବନ ସୁଖସମୃଦ୍ଧି ସହ କାଟିବେ । ବ୍ୟବସାୟରେ ଲାଭ କ୍ଷତି ସମାନ ହେବ । ବିଦ୍ୟାର୍ଥୀମାନେ ପଢାପଢିରେ ସୁଫଳ ପାଇବେ ତଥା ଆଗେଇବେ ।

**ମକର ରାଶି -** ମାସଟି ଆପଣଙ୍କର ଖୁବ ଭଲରେ ଯିବ । ଦେହ ଓ ମନ ପ୍ରାୟ ଭଲ ରହିବ । କର୍ମକ୍ଷେତ୍ରରେ ଅଗ୍ରଗତି ଘଟିପାରେ ।ଆୟ ଖୁବ ଭଲ ହେବ.ପାରିବାରିକ ଜୀବନରେ ଶାନ୍ତି ପାଇବେ । ବ୍ୟବସାୟରେ ଲାଭ ଅତ୍ୟନ୍ତ ଭଲ ହୋଇପାରେ । ବିଦ୍ୟାର୍ଥୀମାନେ ପଢ଼ାରେ ସଫଳ ହେବେ ।

**କୁମ୍ଭ ରାଶି -** ମାସଟି ଆପଣଙ୍କର ମିଶ୍ରିତ ଫଳଦାୟକ ହେବ । ଦେହ ଭଲ ରହିବ । କର୍ମକ୍ଷେତ୍ରରେ ଭଲ । ଆୟ ମଧ୍ୟମ ରହିବ । ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି । ବ୍ୟବସାୟରେ ମଧ୍ୟମ ଲାଭ । ଶିକ୍ଷାର୍ଥୀ ଭଲ ପଢ଼ିବେ ।

**ମୀନ ରାଶି -** ମାସଟି ଆପଣଙ୍କର ଅତି ଭଲରେ ଯିବ । ଦେହ ଓ ମନ ପ୍ରାୟ ଭଲ ରହିବ । କର୍ମକ୍ଷେତ୍ରରେ ଚଞ୍ଚଳ ରହିବେ ଓ ସଫଳ ହେବେ । ଆୟ ଅତ୍ୟନ୍ତ ଭଲ ହେବ । ପାରିବାରିକ ଜୀବନରେ ସୁଖ ପାଇବେ । ବ୍ୟବସାୟରେ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ମନଦେବେ ଓ ଆଗେଇବେ ।

# Chandan Yatra and Chariot Construction Ceremony

Prof. Sarbeswar Kar

The socio-cultural activities of Odias are reflected in Jagannath cult. Like human beings Lord Jagannath gets up early in the morning from bed, performs daily activities, takes break-fast, launch and rests a while during mid-day, goes to bed at night. These activities are performed through rituals and offerings at different points of time during the day. Similarly the deities in Puri temple feel scorching hit during the Summer as the humans do and to get rid of the Summer pain, they go out of the people on a pleasure trip to a grand pond called Narendra Puskarini for water sports. They, after being smeared with sandal paste in order to get the cooling touch, play in the pond which is known as Chandan festival. This festival begins on Akshay Trutiya day and ends on Snana Purnima day spanning for a period of 42 days every year. The 21 day long Chandan Yatra of Lord Jagannath is observed on the day of Akshay Trutiya at holy town Puri. The Yatra is held at Narendra Pushkarini in accordance with the religious rituals. The idols of Madanmohan, Bhudevi, Sridevi, Ramakrushna and Panchu Pandav take part in the Chapa or water sports. Lord Jagannath follows a schedule for the Chapa Khela or water sport in the Narendra Pushkarini every year. According to the practice, after performance of the mid-day puja, Lord Jagannath would move for the water sports. As a mark of the beginning of Chandan Yatra on the auspicious day of Akshay Trutiya. Nitis like Mangal Alati, Mailam, Abakash, Rosha Homa, Surya Puja, Dwarpal Puja, Gopal Ballabh and Sakal Dhup are performed and the deities board the bimans or vessels at around 12 o'clock and make for the holy pond Narendra Puskarini. On the other hand, the construction of chariots for the deities begins on that day after receipt of Agyanmala for the same. After the fixing of the time for Nitikanti, Servitors and Shrotriya Brahmins perform rituals on a 12-feet Dhaura wooden log, marking the beginning of the Rath Yatra. The Chandan Yatra which is also known as Gandhalepana Yatra of deities of Sri Jagannath temple is performed for 42 days at the pilgrim town of Puri. The Yatra is observed in two parts: Bahara Chandana and Bhitara Chandana. Bahara Chandana starts from Akshaya Tritiya and continues for 21 days. On the first 21 days the representative idols of the main deities of the Jagannath temple as well as five Shivalingas known as the Pancha Pandavas are taken in a procession from the Singhadwara or the Lion Gate of the Jagannath temple at Puri to the Narendra Tirtha. After various rituals the deities are placed on grandly decorated boats for an evening cruise of the tank. The last 21 days include rituals held inside the temple itself. Instead of the daily cruises, the playful ride happens on four occasions, the Amavasya, the full moon night, on the Shasthi and the Ekadashi of the bright fort night. The deities go out of the temple to enjoy boating in the Narendra tank for 21 days. As per the religious practice in the Jagannath temple, Madan Mohan, the representative image of Lord Jagannath accompanied by five Shivalingas go to Narendra tank, a huge water body in the heart of the city for a cool bath to beat the scorching summer heat. As per the schedule, Madan Mohan, His consort Laxmi accompanied by five Shivalingas believed to be incarnation of Panch Pandavas begin their pleasure trip from the temple in six separate palanquins along the Grand Road (Bada Danda) to Narendra tank situated about 1.5 km away from the temple for sandalwood paste bath and boating. With the deities on board the decorated palanquins are carried over the shoulders of a special set of servitors known as Biman Badu. The temple musicians recite notes of Geeta Gobinda and Odishi Bhajans. The youths of various Jaaga Ghars (schools of martial arts) accompany the deities displaying their skills along the Bada



Danda. The rhythmic body movements of palanquin bearers in concert with swinging of the top half of the decorated palanquin, particularly of Madan Mohan called "Manivimana" is a rare treat for the pilgrims and devotees. The accompanying devotees in the procession participate in the bathing ritual and join in grand feast which follows the bathing. The playing of Odissi 'Dekha Go Radhamadhaba Chali' (Please see the walking style of Radha and Madhab) on clarinets accompanied by trumpets, cymbals and blowing of conch shells besides display of fireball skill (banati) in the procession present a splendid scene along the Bada Danda. The deities on their arrival at the Narendra tank are accorded sandal wood paste and aromatic water bath for cooling effect. Then the deities are taken in procession to their respective boats shaped as giant swans. The deities on board move about the tank enjoy the notes and dances of Odissi presented by danseuses on the decks till late in the evening and return to the temple in the same manner and style which were followed at the beginning of their journey time. This scene is repeated everyday and on completion of twenty one days the concluding ceremony known as 'Bhaunri' is observed with display of fireworks and music extravaganza. On the other hand, construction of three chariots for forthcoming Rath Yatra also begin. Shrotriya Brahmins headed by the temple priest perform a Yajna with Nrusingha Mantra in the chariot construction yard (Rath Khala) to consecrate the timber logs to be used for construction of three chariots. Earlier on the Ram Navami day the wood logs selected for use in construction are purified by observance of Homa. Amidst singing of kirtans and bhajans (devotional songs), sounds of cymbals and gongs, the idols of Lord Madanmohan accompanied by Devi Bhudevi and Devi Sridevi in one palanquin and idols of Lord Ramkrushna and Pandavas in another palanquin are taken in a procession from Shree Mandir to the Narendra pond in the afternoon. En route to the Narendra pond, the procession stops in front of Shree Nahara (the Puri king's palace) on the Grand Road where priests of Shree Mandir along with the Shrotiya Brahmins complete all the rituals at the chariot construction yard.Following the completion of Puja, agnyanmalas (order in the shape of garlands from the Lords to commence chariot building for Rath Yatra) are placed on a 12-feet dhaura log marking the beginning of chariot construction for Rath Yatra. The procession later reaches the Narendra pond where the idols board two newly built Chapas or boats- Nanda and Bhadra- which are rowed then for a long time by the Sevakas. Temple dancers dance and sing on the boat during the rowing. The construction of the chariots starts on Akshaya Trutiya, the third day of the bright fortnight of Vaisakha, with ritual fire worship. This takes place in front of the palace of the King of Puri and opposite the main office of the Puri temple. On this day, the new agricultural season starts and farmers start ploughing their fields. This day marks the beginning of the summer festival of the deities, known as the sandalwood festival or Chandan Yatra. In this festival, the representative images of the presiding deities are taken out in colourful processions and given a ceremonial boat ride in the Narendra tank everyday. In an interesting demonstration of the assimilative character of the Jagannatha cult, Madanmohana and Rama Krushna, representing Jagannatha and Balaram partake in the festival with the representatives' images of the presiding deities of five main Shiva temples of Puri. These are curiously known as Pancha Pandava, the five brothers of the Mahabharata story. Later the deities have a ritual bath in a small temple in the middle of the tank, in stone tubs filled with water, sandalwood paste, scents and flowers. This sandalwood festival culminates in the Snana Yatra, the Bathing Festival on the full moon day of the month of Jyestha. On this day, the presiding deities descend from their seats on an elevated platform in the sanctum sanctorum, the bejewelled throne. They are bathed in 108 pots of water brought from the suna kua, the golden well and assume the elephant form on the special bathing platform, close to the Eastern boundary wall of the temple. From that day the deities remain in symbolic and ritual convalescence for about two weeks. They are barred from view of the ordinary devotees. Only three special patta chitras, traditional Odia paintings of natural colours on cloth stiffened with starch, known as Anasara Pattis, are strung on a bamboo screen hiding the deities from public view, can be seen by the public. During this period, the deities are given only roots, leaves, berries and fruits to cure them from their indisposition. This ritual is a reminder of the strong tribal elements in the genesis and evolution of the Jagannatha cult. The progeny of Lalita, daughter of the original tribal worshipper Biswabasu, chieftain of hunters, and the Brahmin priest Vidyapati, are known as Daitapatis or Daitas. They have almost exclusive privilege of serving the Lord during the convalescence and through the entire period of Ratha Jatra or the Festival of Chariots. People from different places come to Puri to witness the Chandan Yatra festival of the Trinity. Even some people stay in Puri from the day of Akshaya Trutiya till the Snana Purnima, the day of bathing ceremony of the deities.

*Principal, Sri Sri College of Ayurvedic Science & Research, Udayapura, Bangalore*

## ଜଷ୍ଟିସ ଭୂଷଣ ରାମକୃଷ୍ଣ ଗାଭାଇ ହେବେ ଭାରତର ପରବର୍ତ୍ତି ନୂଆ ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ:** ଜଷ୍ଟିସ ଭୂଷଣ ରାମକୃଷ୍ଣ ଗାଭାଇ ହେବେ ଭାରତର ପରବର୍ତ୍ତି ନୂଆ ମୁଖ୍ୟ ବିଚାରପତି । ସେ ହେବେ ଭାରତର ୫୨ତମ ମୁଖ୍ୟ ବିଚାରପତି । ତାଙ୍କ ନାମକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନାମକୁ ଅନୁମୋଦନ କରିଛନ୍ତି । ଜଷ୍ଟିସ୍ ଗଭାଇ ୧୪ ମଇ, ୨୦୨୫ରେ ଭାରତର ୫୨ତମ ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ । ଏହା ପୂର୍ବରୁ ଭାରତର ବର୍ତ୍ତମାନର ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ତାଙ୍କ ନାମ ସୁପାରିଶ କରିଥିଲେ । ସିଜେଆଇ ସଞ୍ଜିବ ଖାନ୍ନାଙ୍କ କାର୍ଯ୍ୟକାଳ ମେ ୧୩ରେ ଶେଷ ହେଉଛି । ବି.ଆର. ଗଭାଇ ଦାୟିତ୍ୱ ଗ୍ରହଣ କରିବା ପରେ ୬ ମାସ ପାଇଁ



ସିଜେଆଇ ଭାବରେ କାର୍ଯ୍ୟ କରିବେ ଏବଂ ନଭେମ୍ବର ୨୦୨୫ରେ ଅବସର ନେବେ ।

## ସାହିତ୍ୟ ଏକାଡେମୀ ପକ୍ଷରୁ 'ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ' ଆଲୋଚନା ଚକ୍ର ଅନୁଷ୍ଠିତ

**ଭୁବନେଶ୍ୱର:** ଶ୍ରୀ ଗୀତଗୋବିନ୍ଦର ପ୍ରଣେତା ଶ୍ରୀ ଜୟଦେବଙ୍କ ଜୟନ୍ତୀ ସମାରୋହ ଅବସରରେ ଆଜି ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ' ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜିର ଆଲୋଚନା ଚକ୍ରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶ୍ରୀ ଦାଶ ମହାକବି ଶ୍ରୀ ଜୟଦେବଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଜୟଦେବଙ୍କ ଦ୍ୱାରା ରଚିତ ଶ୍ରୀ ଗୀତଗୋବିନ୍ଦ କିପରି ଆମ ଓଡ଼ିଆ ସଂସ୍କୃତି ଏବଂ ପରମ୍ପରା ସହିତ ଜଡ଼ିତ ସେହି ସମ୍ବନ୍ଧରେ ଆଲୋକପାତ କରିଥିଲେ ।




## ରଥଯାତ୍ରା ପରଦିନଠାରୁ ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ

**ପୁରୀ:** ଏପ୍ରିଲ୍ ୨୯ରୁ ଜୁନ୍ ୨୭ ତାରିଖ ଯାଏ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାମ । ଜୁନ୍ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ରତ୍ନଭଣ୍ଡାର ମରାମତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି, ତରବରିଆ ଭାବେ କାମ ହେବ ନାହିଁ । ଏପ୍ରିଲ୍ ୨୯ରୁ ଜୁନ୍ ୨୭ ତାରିଖ ଯାଏ ଅକ୍ଷୟ ତୃତୀୟା,ବାହାର ଚନ୍ଦନ, ଭିତର ଚନ୍ଦନ, ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ଆଦି ମହାପ୍ରଭୁଙ୍କର ବିଭିନ୍ନ ବିଶେଷ ନୀତି ଥିବା ହେତୁ ଏହି ସମୟରେ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ ।



## ପୁରୀରେ ୨୧ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ



**ପୁରୀ:** ବିଶ୍ୱ ପ୍ରସିଦ୍ଧ ଚନ୍ଦନଯାତ୍ରା ଆରମ୍ଭ ହୋଇଯାଇଛି । ''ମଣି ବିମାନେ ଗୋବିନ୍ଦ.., ଚଉପାଶେ ଘେରିଛନ୍ତି ସହଚରୀବୃନ୍ଦ.. । ଦେଖ ଗୋ ରାଧା ମାଧବ ଚାଲି.., ମଣିବିମାନ ଆସେ ଝୁଲିଝୁଲି.. ।'' ବଡ଼ଦାଣ୍ଡରୁ ସଞ୍ଚରି ଆସୁଥିଲା ଏହି ମଧୁମୟ ସଂଗୀତ । ମଣି ବିମାନରେ ଝୁଲିଝୁଲି ଚନ୍ଦନ ମଉଜ ପାଇଁ ନରେନ୍ଦ୍ରକୁ ଛୁଟି ଆସିଥିଲେ ପ୍ରଭୁ ମଦନମୋହନ । ମହାପ୍ରଭୁ ଚାପ ଖେଳିବା ପାଇଁ ସରୋବରରେ ନନ୍ଦା, ଭଦ୍ରା ଦୁଇ ନୌବିମାନ ପ୍ରସ୍ତୁତ କରାଯାଇଛି । ସଂପୂର୍ଣ୍ଣ ରୀତିନୀତି ଅନୁସାରେ ମହାପ୍ରଭୁଙ୍କୁ ବିଜେ କରାଯାଇ ପ୍ରଥମ ଚନ୍ଦନଯାତ୍ରା ଅନୁଷ୍ଠିତ କରାଯାଇଛି । ଏହି ଲୀଳା ସଂଦର୍ଶନ କରିବାକୁ ଅପେକ୍ଷା କରି ରହିଥିଲେ ଭକ୍ତଗଣ । ୨୧ ଦିନିଆ ଯାତ୍ରାର ଆଜି ଥିଲା ପ୍ରଥମ ଦିନ । କାହାଳି ବାଜିବା ପରେ ଘଣ୍ଟ, ଛତା ପଟୁଆରରେ ମହାପ୍ରଭୁ ସ୍ୱତନ୍ତ୍ର ମଣି ବିମାନରେ ଶ୍ରୀମନ୍ଦିରରୁ ବାହାରି ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲ ମାନବୀୟ ଲୀଳା । ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀ ମଣି ବିମାନରେ ବିଜେ କରିଥିଲେ । ମହାପ୍ରଭୁଙ୍କ ସହ ରାମ-କୃଷ୍ଣ ସୁସଜ୍ଜିତ ପାଲିଙ୍କିରେ ବିଜେ କରିଥିଲେ ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏପ୍ରିଲ ୧ରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଇଯାଇଥିବା ଓଡ଼ିଆ ପକ୍ଷ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କୁମ୍ଭମପାଟି, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ, ଯୁଗ୍ମ ଶାସନ ସଚିବ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

### ଏନ୍‌ଏସ୍‌ଏବିରେ ବଡ଼ ପରିବର୍ତ୍ତନ

## ପୂର୍ବତନ 'ର' ମୁଖ୍ୟ ହେଲେ ଅଧ୍ୟକ୍ଷ



**ନୂଆଦିଲ୍ଲୀ:** ସରକାର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ(ଏନ୍‌ଏସ୍‌ଏବି)କୁ ପୁନର୍ଗଠିତ କରିଛନ୍ତି । ପୂର୍ବତନ 'ର' ମୁଖ୍ୟ ଆଲୋକ ଜୋଶୀଙ୍କୁ ଏହାର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ବୋର୍ଡରେ ପୂର୍ବତନ ପଶ୍ଚିମ ବାୟୁସେନା କମାଣ୍ଡର ଏୟାର ମାର୍ଶାଲ ପିଏମ୍ ସିହ୍ନା, ପୂର୍ବତନ ଦକ୍ଷିଣ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଏକେ ସିଂହ ଏବଂ ରିଅର ଆଡମିରାଲ ମଣ୍ଟି ଖାନ୍ନାଙ୍କୁ ସାମରିକ ସେବାରୁ ଅବସରପ୍ରାପ୍ତ ଅଧିକାରୀ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜୀବ ରଞ୍ଜନ ବର୍ମା ଏବଂ ମନମୋହନ ସିଂହ ଭାରତୀୟ ପୁଲିସ ସେବାର ଦୁଇଜଣ ଅବସରପ୍ରାପ୍ତ ସଦସ୍ୟ । ସାତ ଜଣିଆ ବୋର୍ଡରେ ଅବସରପ୍ରାପ୍ତ ଆଇଏଫଏସ ବି ଭେଙ୍କଟେଶ ବର୍ମା ଅନ୍ତର୍ଭୁକ୍ତ ହୋଇଛନ୍ତି ।

### ରାଜ୍ୟସ୍ତରୀୟ କୃଷକ ଦିବସରେ ବଣ୍ଟାଗଲା ସିଏମ୍ କିଷାନ ସହାୟତା

## ୫୧ ଲକ୍ଷ ଚାଷୀ ପାଇଲେ ୧୦୨୫ କୋଟି

ଭୁବନେଶ୍ୱର: ଅକ୍ଷୟ ତୃତୀୟା ଅବସରରେ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ-୨୦୨୫ ବରମୁଣ୍ଡା ଓୟୁଏଟି ଫାର୍ମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧ ଲକ୍ଷ ଚାଷୀ ସହାୟତା ରାଶି



ପାଇଛନ୍ତି । ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ଫସଲ ବିବିଧକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି । ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ । ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛୁ ।

## ରଥଯାତ୍ରା ବେଳେ ପାର୍କିଂସ୍ଥଳ ଜଗିବେ ସୁରକ୍ଷାକର୍ମୀ




**ପୁରୀ:** ରଥଯାତ୍ରାବେଳେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ କରାଯାଇଛି । ଏହାସହ ପୁରୀରେ ପାର୍କିଂ ଲାଗି ସମସ୍ୟା ସୃଷ୍ଟି ନହେବା ପାଇଁ ପାର୍କିଂସ୍ଥଳରେ ସୁରକ୍ଷାକର୍ମୀମାନେ ମୁତୟନ ହେବେ ବୋଲି ଜଣାପଡିଛି । ଗୋଟିଏ ପାର୍କିଂ ଜାଗାରେ ଯଦି ଦୁଇ ଜଣ ସୁରକ୍ଷାକର୍ମୀ ରୁହନ୍ତି ତେବେ ୧୦ଟି ଜାଗାରେ ୨୦ ଜଣ ରହିବେ । ୨୦ ଜଣଙ୍କୁ ୯ ଦିନ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଯଦି ଅଧିକ ସୁରକ୍ଷା କର୍ମୀ ନେବେ ତେବେ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ଦିଅନ୍ତୁ । ସେମାନେ ରୋଜଗାରକ୍ଷମ ହେବେ । ପାର୍କିଂ ଜାଗାରେ ସିସିଟିଭି ଲଗାଇଲେ ସୁରକ୍ଷା ବଢ଼ିବ ଓ କମ୍ ଖର୍ଚ୍ଚ ହେବ । ସୁରକ୍ଷା କର୍ମୀଙ୍କ ପିଛା ଏତେ ଟଙ୍କା ଖର୍ଚ୍ଚ କରିବା ବୁଦ୍ଧିମତାର କାମ ନୁହେଁ ।




# ରାଜ୍ୟକୁ ଗଡ଼କରୀଙ୍କ ୯୦୨୩ କୋଟିର ପ୍ରକଳ୍ପ ପ୍ରଦାନ



ଭୁବନେଶ୍ୱର: ଓଡ଼ିଶାର ଜାତୀୟ ରାଜପଥକୁ ଆମେରିକା ଭଳି କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ବରମୁଣ୍ଡା ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଗଡ଼କରୀ ୪୧୩୭ କୋଟି ଟଙ୍କାର ୧୯ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟରେ ୭୫ହଜାର କୋଟି ଟଙ୍କା ବ୍ୟୟରେ ୨୨୩୦କିମି ରାସ୍ତା ନିର୍ମାଣ ହେବ। ଏନେଇ ଡିପିଆର୍ ପ୍ରସ୍ତୁତ ହୋଇସାରିଛି, କାର୍ଯ୍ୟାଦେଶ ଦିଆଯିବ। ଓଡ଼ିଶା ସରକାର ନୂଆ ଜାତୀୟ ରାଜପଥ, ରାଜପଥ ସମ୍ପ୍ରସାରଣ, ଫ୍ଲାଏଓର୍ଭ ନେଇ ଯେତେ ପ୍ରସ୍ତାବ ଦେବେ ସବୁ ମଞ୍ଜୁର କରାଯିବ ବୋଲି ଗଡ଼କରୀ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସ୍ତାବ ଦେଇଥିବା ୧୩ଟି ପ୍ରକଳ୍ପକୁ ଶ୍ରୀ ଗଡ଼କରୀ ଏହି ମଞ୍ଚରୁ ମଞ୍ଜୁର ହେଲା ବୋଲି ଘୋଷଣା କରିଥିଲେ। ଏଥିପାଇଁ ୯୦୨୩କୋଟି ଖର୍ଚ୍ଚ ହେବ। ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ଥାକିଆ କଲେ ଆମକୁ ୧୦୦ବର୍ଷ ପର୍ଯ୍ୟନ୍ତ ଚିନ୍ତା କରିବାକୁ ପଡ଼ିବନି। କୋଷ୍ଟାଲ୍ ହାଇୱେ ଦୁଇଥାକିଆ ହେବାର ଅଛି, ଏହାକୁ ୪ ଥାକିଆ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ପୁରୀ ପାଇଁ ବଡ଼ ଯୋଜନା

କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ପାଇଁ ବଡ଼ ଯୋଜନା କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ, ପୁରୀ-ଭୁବନେଶ୍ୱର ରାସ୍ତାକୁ ୬ଥାକିଆ ବଦଳରେ ୮ଥାକିଆ କରାଯାଉ। ଏହାଦ୍ୱାରା ଆମକୁ ଆଗାମୀ ୧୦୦ବର୍ଷ ପର୍ଯ୍ୟନ୍ତ ଚିନ୍ତା କରିବାକୁ ପଡ଼ିବନି। ଶ୍ରଦ୍ଧାଳୁମାନେ କମ୍ ସମୟରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏହା ଉପରେ ଶ୍ରୀ ଗଡ଼କରୀ କହିଥିଲେ, ଏବେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୬ଥାକିଆ କରିବାକୁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି।

# ତିନି ଓଡ଼ିଆଙ୍କୁ ପଦ୍ମଶ୍ରୀ ପୁରସ୍କାର







ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶାର ଅଦ୍ୱୈତ ଚରଣ ଗଡ଼ନାୟକ (କଳା), ପ୍ରଫେସର (ଡ. ଅଶୋକ କୁମାର ମହାପାତ୍ର (ଚିକିତ୍ସା) ଏବଂ ଶ୍ରୀ ଦୁର୍ଗା ଚରଣ ରଣବୀର (କଳା)ଙ୍କୁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପ୍ରଦାନ କରିଛନ୍ତି। ନିଜର ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିବା ବେଳେ ତାଙ୍କର ସଂକ୍ଷିପ୍ତ ସୂଚନା : ଅଦ୍ୱୈତ ଚରଣ ଗଡ଼ନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ, ଅନେକ ଦଶନ୍ଧି ଧରି ଚାଲିଥିବା ତାଙ୍କ କଳାକୃତି ତାଙ୍କୁ ଉଭୟ ଭାରତ ଓ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛି । ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁତ ପ୍ରଶଂସିତ । ଦ୍ୱିତୀୟରେ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ ଯିଏ କି ସୋଆ (ଡିମଡ୍) ବିଶ୍ୱବିଦ୍ୟାଳୟର ଚିକିତ୍ସା ପରାମର୍ଶଦାତା ଅଛନ୍ତି। ସେହିପରି ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀ ଦୁର୍ଗା ଚରଣ ରଣବୀର ତାଙ୍କର ଅସାଧାରଣ ନୃତ୍ୟକଳା ପାଇଁ ଜଣାଶୁଣା ଏବଂ ଜଣେ ଗୁରୁ ଭାବରେ ସମ୍ମାନିତ । ଏହି କ୍ଷେତ୍ରର ଅନ୍ୟତମ ବରିଷ୍ଠ ଗୁରୁ ଭାବରେ ତାଙ୍କର ଅନ୍ତର୍ଜାତୀୟ ସ୍ୱୀକୃତି ତାଙ୍କ ଯୋଗ୍ୟତାର ପ୍ରମାଣ । ତାଙ୍କର ଚାରି ଦଶନ୍ଧିର କ୍ୟାରିୟରରେ ସେ ଏହି ନୃତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଜଣେ ନୃତ୍ୟଶିଳ୍ପୀ, ପ୍ରଦର୍ଶକ, ଗୁରୁ ଏବଂ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରିଥିଲେ । ୧୯୫୧ ମସିହା ମାର୍ଚ୍ଚ ପହିଲାରେ ଓଡ଼ିଶାର କାମଗୁରୁରେ ଜନ୍ମଗ୍ରହଣ କରିଥିବା ରଣବୀର ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଗୁରୁ ଦେବ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରିଥିଲେ।




# ଭୁବନେଶ୍ୱରଠାରେ ରୋଜଗାର ମେଳା ଅନୁଷ୍ଠିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର୍ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ୨୫୮ଜଣ ନବନିଯୁକ୍ତ ଯୁବକଯୁବତୀଙ୍କୁ ଚାକରିର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାର ମଧୁବନିଠାରେ ୧୩,୪୮୦ କୋଟିର ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ

ନୂଆଦିଲ୍ଲୀ: ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ମଧୁବନିଠାରେ ୧୩,୪୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି । ୨୨ ଏପ୍ରିଲ ୨୦୨୫ରେ ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ଏକ ମିନିଟ୍ ନୀରବତା ଅବଲମ୍ବନ କରିବା ସହ ଦିବଂଗତ ଆତ୍ମାମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ପଞ୍ଚାୟତିରାଜ ଦିବସ ଅବସରରେ ସମଗ୍ର ଦେଶ ମିଥିଳା ଓ ବିହାର ସହ ସଂଯୁକ୍ତ ହୋଇଛି। ବିହାରର ବିକାଶ ଉଦ୍ଦେଶ୍ୟରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ସେ କହିଥିଲେ ଏବଂ ବିଦ୍ୟୁତ, ରେଳପଥ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏହି ପଦକ୍ଷେପ ବିହାରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଗୁରୁତ୍ୱାରୋପ କରିଥିଲେ।



# ସ୍କୁଲ ସ୍ତରରେ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା କାର୍ଯ୍ୟକ୍ରମ

ନୂଆଦିଲ୍ଲୀ/ଭବନେଶ୍ୱର: ସଡ଼କ ସୁରକ୍ଷାକୁ କେବଳ ଆଇନ ବ୍ୟବସ୍ଥାରେ ନହେଁ ବରଂ ଜନଆନ୍ଦୋଳନ ରୂପରେ ଦେଖାଯିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କଳ୍ପନା ରହିଛି । ଏହି ପରିପ୍ରେକ୍ଷୀରେ ସ୍କୁଲ ସ୍ତରରେ "ସୁରକ୍ଷିତ ଯାତ୍ରା" ଶିକ୍ଷା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ତୃଣମୂଳ ସ୍ତରରେ ସାକାର କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ 'ସୁରକ୍ଷିତ ଯାତ୍ରା' ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଆମର ଯୁବବର୍ଗମାନେ ବିଦ୍ୟାଳୟ ସ୍ତରରେ ହିଁ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା ବିକଶିତ ହେବ ।



## ବିବାଦରେ ମମତାଙ୍କ ଜଗନ୍ନାଥ ମନ୍ଦିର

# 'ଦୀଘା ଜଗନ୍ନାଥ ଧାମ' ଲେଖାକୁ ନେଇ ତୀବ୍ର ଅସନ୍ତୋଷ

**ଭୁବନେଶ୍ୱର:** ଜଗନ୍ନାଥ ଧାମ କେଉଁଠି ପୁରୀରେ ନା ଦୀଘାରେ ଜଗନ୍ନାଥ ଧାମ କହିଲେ ଆପଣ କଣ ବୁଝନ୍ତି- ପୁରୀ ନା ଦୀଘା ସାରା ବିଶ୍ୱ ଜାଣିଛି ୪ ଧାମ ଭିତରୁ ଗୋଟିଏ ଧାମ ହେଉଛି ଜଗନ୍ନାଥ ଧାମ । ଦେଶ ବିଦେଶରେ କିଏ ଓଡିଶାକୁ ଜାଣୁ ବା ନଜାଣୁ କିନ୍ତୁ ଜଗନ୍ନାଥ ଧାମ କହିଲେ ସେ ଓଡିଶାକୁ ଜାଣେ, ପୁରୀକୁ ବୁଝେ... କିନ୍ତୁ ଇତିମଧ୍ୟରେ ଦୀଘାକୁ ଜଗନ୍ନାଥ ଧାମ କହିବା ଆରମ୍ଭ କରିଛନ୍ତି ପଶ୍ଚିମବଙ୍ଗ ସରକାର । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଦୀଘାରେ ନବନିର୍ମିତ ଭବ୍ୟ ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହୋଇଥିବା ବେଳେ ଏହାର ବିଜ୍ଞାପନ ଏବଂ ନିମନ୍ତ୍ରଣ ପୋଷ୍ଟରରେ 'ଦୀଘା ଜଗନ୍ନାଥ ଧାମ' ଲେଖାଥିବା କଥାକୁ ସହଜରେ ଗ୍ରହଣ କରିନାହାନ୍ତି ଓଡିଶାର ଜଗନ୍ନାଥପ୍ରେମୀ । ଜଗନ୍ନାଥ ଧାମ କହିଲେ କେବଳ ପୁରୀକୁ ହିଁ ବୁଝାଏ ବୋଲି କହି 'ଦୀଘା ଜଗନ୍ନାଥ ଧାମ'କୁ ବିରୋଧ କରାଯାଇଛି । ଯାହାର ପ୍ରତିଫଳନ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି ।



# ୧୭ତମ ପ୍ରଶାସନିକ ସେବା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ତମ ପ୍ରଶାସନିକ ସେବା ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ ସାଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ପ୍ରଶାସନିକ ସେବା ଦିବସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଚଳିତ ବର୍ଷ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, କାରଣ ଏହା ସମ୍ବିଧାନର ୭୫ତମ ବର୍ଷ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ବୋଲି ସେ ଉଲ୍ଲେଖ କରିଥିଲେ । ୨୧ ଏପ୍ରିଲ୍ ୧୯୪୭ରେ ସର୍ଦ୍ଦାର ପଟେଲଙ୍କ ଉଲ୍ଲେଖନୀୟ ବକ୍ତବ୍ୟ, ଯେଉଁଥିରେ ସେ ସରକାରୀ କର୍ମଚାରୀମାନଙ୍କୁ 'ଭାରତର ଇସ୍ପାତ ସଂରଚନା' ବୋଲି କହିଥିଲେ, ଏହାକୁ ମନେ ପକାଇ ମୋଦୀ ପଟେଲଙ୍କର ଅମଲାତନ୍ତ୍ରକୁ ନେଇ ରହିଥିବା ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ, ସଚ୍ଚୋଟତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖି ଦେଶକୁ ଅତ୍ୟନ୍ତ ସମର୍ପଣର ସହିତ ସେବା କରିବା ପାଇଁ କହିଥାଏ । ସେ ଭାରତକୁ ଏକ ବିକଶିତ ଭାରତ ହେବା ପାଇଁ ସଂକଳ୍ପ ପରିପ୍ରେକ୍ଷୀରେ ସର୍ଦ୍ଦାର ପଟେଲଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌ସି ପଣ୍ଡା



**କୋରାପୁଟ:** ବିଶିଷ୍ଟ ସଂସ୍କୃତ ପଣ୍ଡିତ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଦ୍ୱାରା ଜାରି ହୋଇଥିବ ଏକ ପତ୍ର କ୍ରମେ ଏବଂ ୨୦୨୫ ମେ' ୧ ତାରିଖରେ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଜାରି ଏକ ସରକାରୀ ଆଦେଶ ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ'






ଶ୍ୟାମାପ୍ରସାଦ ମିଶ୍ର
ଚିତ୍ରନାଟ୍ୟ
ଏବଂ
ସଂଳାପକାର



ଡକ୍ଟର ବଦ୍ରି
ମିଶ୍ର
କାହାଣୀକାର

୧୯୩୬ ରେ ଉତ୍କଳ ହେଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ।ଆଉ ସେହିଦିନ ପୁରୀ ରୁ ପ୍ରସ୍ତୁତ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତାବିବାହର ସୁଟିଂ ସରିଲା, ଯାହା ୨୮ ଏପ୍ରିଲ ରେ ପୁରୀ ଲକ୍ଷ୍ମୀ ଟକିଜ୍ ରେ ମୁକ୍ତିଲାଭ କଲା। ପରେପରେ ସୁକୁମାର ଗାଙ୍ଗୁଲିଙ୍କ ଶ୍ରୀ ପତିତପାବନ, ଶ୍ୟାମଘନ ରାୟ ଚୌଧୁରୀଙ୍କ ଚିଲିକା ତୀରେ, କେଦାର ଗୁରୁ ଓ ଲଡୁ ପାତ୍ରଙ୍କ ସିନ୍ଦୂର ବିନ୍ଦୁ, ଜୀତେନ୍ଦ୍ର ସାହୁଙ୍କ ସାକ୍ଷୀ ରହିଲା ମୋ ସିଂହଦୁଆର ଭଳି ଚଳଚ୍ଚିତ୍ର ଓଡ଼ିଶାର ଚଳଚିତ୍ରରେ ସାମିଲ୍ ହେଲେ। ସେହିଭଳି ଓଡିଆ ଚଳଚ୍ଚିତ୍ର ସମୃଦ୍ଧିରେ ବାଳକୃଷ୍ଣ ଦାଶ,ବ୍ୟୋମକେଶ ତ୍ରିପାଠୀ, କେଳୁଚରଣ ମହାପାତ୍ର,ହରିହର ମିଶ୍ର, ପ୍ରଫୁଲ୍ଲ କର, ଦୁର୍ଲଭ ସିଂ, ରାମଚନ୍ଦ୍ର ପ୍ରତିହାରୀ,ମହେଶ୍ୱେତା ରାୟ,ଅଜୟ ରଥ, ଦିଲୀପ ଚୌଧୁରୀ,ତପନ ଦାଶ, ଶଂକର ବସୁମଲ୍ଲିକ, ଭାନୁମତୀ, ଗୀତା ଦତ୍ତ, ମଂଜୁ ଦେବୀ, ଭୁବନେଶ୍ୱରୀ ମିଶ୍ର ପ୍ରମୁଖଙ୍କ ଅବଦାନ ଉଲ୍ଲେଖନୀୟ। ତେବେ ଚଳଚ୍ଚିତ୍ର ଅଦିନମେଘର କାହାଣୀକାର ଭାବେ କୁନ୍ତଳା କୁମାରୀ ଆଚାର୍ଯ୍ୟ, କାବେରୀ ଚଳଚିତ୍ରର କାହାଣୀକାର ଗାୟତ୍ରୀ ବସୁମଲ୍ଲିକ, ନୀଳମାଧବ ଚଳଚ୍ଚିତ୍ର ର କାହାଣୀକାର ଭାବେ ଜଗନ୍ନାଥ ପ୍ରସାଦ ଭଗତ,ପୁଷ୍କରା ଚଳଚ୍ଚିତ୍ରର କାହାଣୀକାର ଭାବେ ଶଂକର ତ୍ରିପାଠୀଙ୍କ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଅବଦାନ ସ୍ମରଣ ରହିଛି। ଏଥିରେ ଏବେ ଆଜିର ରେବତୀ କାହାଣୀକାର ଭାବେ ଯୋଡ଼ି ହୋଇଗଲା ପୁରୀ ସହରର ଡକ୍ଟର ବଦ୍ରି ମିଶ୍ର ଓ ଚିତ୍ରନାଟ୍ୟ ଏବଂ ସଂଳାପକାର ଭାବେ ପୁରୀ ର ଶ୍ୟାମାପ୍ରସାଦ ମିଶ୍ରଙ୍କ ନାମ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏପ୍ରିଲ ୧୧ରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଏକସଙ୍ଗେ ରିଲିଜ୍ ହେଉଥିବା ଚଳଚ୍ଚିତ୍ର 'ଆଜିର ରେବତୀ'ର କାହାଣୀକାର ଡକ୍ଟର ବଦ୍ରି ମିଶ୍ର ହେଉଛନ୍ତି ପୁରୀର ମଣିଷ ଓ ଏହାର ଚିତ୍ରନାଟ୍ୟ ଓ ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର ହେଉଛନ୍ତି ପୁରୀର ମଣିଷ। ଏବେ ଏହି ଚଳଚ୍ଚିତ୍ରର ସଂଗୀତ ଲୋକାର୍ପଣ ହୋଇଛି। ଏଥିରେ ପ୍ରଯୋଜକ ରମେଶ ବାରିକ୍, ନାୟିକା ଶୀତଲ, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ପ୍ରଚାର ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର, ଓଡ଼ିଶା ର ବିଶିଷ୍ଟ କଥାକାର ତଥା ଗୀତିକାର ବଦ୍ରି ମିଶ୍ର, ଉଦଘୋଷକ ବିଶ୍ୱନାଥ ମିଶ୍ରଙ୍କ ସହ କଣ୍ଠଶିଳ୍ପୀ ଦିପ୍ତିରେଖା, ସ୍ୱୟଂ ପାଢୀ ସତ୍ୟଜିତ୍,ଓ ସବିଶେଷ ମିଶ୍ର ଉପସ୍ଥିତ ଥିଲେ।



## ପଞ୍ଚଭୂତରେ ବିଲୀନ ହେଲେ ପ୍ରଶାନ୍ତ

**ବାଲେଶ୍ୱର:** ପହଲଗାମରେ ଆତଙ୍କୀ ଗୁଳିରେ ପ୍ରାଣ ହରାଇଥିବା ପ୍ରଶାନ୍ତ କୁମାର ଶତପଥୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷକୃତ୍ୟରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଓ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ପୁଅର ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି।

# ପହଲଗାମ୍‌ର ୩ପାର୍ଶ୍ୱରୁ ପଶିଥିଲେ ଆତଙ୍କବାଦୀ

## କଡ଼ା ସୁରକ୍ଷା ହେତୁ ପଣ୍ଡ ହୋଇଥିଲା ଆକ୍ରମଣ ଉଦ୍ୟମ



**ପହଲଗାମ୍:** ପହଲଗାମ୍ ଆକ୍ରମଣ ପରେ କମୁନାହିଁ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ବିବାଦ। ଏହି ମାମଲାକୁ ନେଇ ପ୍ରତିଦିନ ନୂଆ ନୂଆ ତଥ୍ୟ ହସ୍ତଗତ ହେବାରେ ଲାଗିଛି। ଏବେ ଶୁଣିବାକୁ ମିଳୁଛି ଯେ ୨୨ ଏପ୍ରିଲରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ, ଅଧିକାଂଶ ପର୍ଯ୍ୟଟକ ପ୍ରାଣ ହରାଇଥିବାର ଗୋଟିଏ ସପ୍ତାହ ପୂର୍ବରୁ ଆତଙ୍କବାଦୀମାନେ ଏପ୍ରିଲ ୧୫ ତାରିଖରେ ଅଞ୍ଚଳର ତିନୋଟି ସ୍ଥାନର ଯାଞ୍ଚ କରିଥିଲେ। କିନ୍ତୁ ସୁରକ୍ଷା ବୃଦ୍ଧି ଯୋଗୁ ଏହି ସ୍ଥାନରେ ଆକ୍ରମଣ ଯୋଜନା ପଣ୍ଡ ହୋଇଥିଲା। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ ପହଲଗାମର ବୈସାରନ ଉପତ୍ୟକାରେ ଆକ୍ରମଣ ସମୟରେ ଆତଙ୍କବାଦୀମାନେ ଏକ ଅଲ୍ଟ୍ରା-ଷ୍ଟେଟ୍ ଯୋଗାଯୋଗ ବ୍ୟବସ୍ଥା ବ୍ୟବହାର କରୁଥିବାର ଜଣାପଡ଼ିଥିଲା। ଏହି ବ୍ୟବସ୍ଥା ଆତଙ୍କବାଦୀମାନଙ୍କୁ ସିମ୍ କାର୍ଡ ବ୍ୟବହାର ନକରି ଯୋଗାଯୋଗ ଏବଂ ବାର୍ତ୍ତା ଆଦାନପ୍ରଦାନ କରିବାକୁ ଅନୁମତି ଦିଏ। ଯାହା ସ୍ୱଳ୍ପ ଦୂରତା, ସୁରକ୍ଷିତ ଯୋଗାଯୋଗକୁ ସକ୍ଷମ କରିଥାଏ। ଆକ୍ରମଣ ସମୟରେ ଏହି ସିଷ୍ଟମରୁ ଦୁଇଟି ସଙ୍କେତ ସେହି ଅଞ୍ଚଳରେ ଚିହ୍ନଟ କରାଯାଇଥିଲା। ୨୨ ଏପ୍ରିଲରେ, ପାହଲଗାମରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ବୈସାରନରେ ପାଞ୍ଚରୁ ଛଅ ଜଣ ଆତଙ୍କବାଦୀ ପର୍ଯ୍ୟଟକଙ୍କ ଏକ ଦଳ ଉପରେ ଗୁଳି ଚଳାଇଥିଲେ। ପାହଲଗାମ ହତ୍ୟାକାଣ୍ଡ ସାମ୍ପ୍ରତିକ ବର୍ଷଗୁଡ଼ିକରେ କଶ୍ମୀର ଉପତ୍ୟକାର ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଗୋଟିଏ ଥିଲା।

## ଆତଙ୍କବାଦୀଙ୍କୁ କ୍ଷମା ନାହିଁ, ଖୋଜି ଖୋଜି ମାରିବୁ

ନୂଆଦିଲ୍ଲୀ: ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଜନସଭାରେ ସମ୍ବୋଧିତ କଲେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହ । ଅଭିଭାଷଣରେ ଆତଙ୍କବାଦୀଙ୍କୁ କଡ଼ା ଚେତାବନୀ ଦେଲେ ଶାହ । କହିଲେ, ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବ ଭାରତ । ଆତଙ୍କବାଦୀଙ୍କୁ କ୍ଷମା ଦିଆଯିବ ନାହିଁ । ଗୋଟି ଗୋଟି ଆତଙ୍କୀଙ୍କୁ ଖୋଜି ଖୋଜି ମାରିବୁ । ଆତଙ୍କବାଦର ମୂଳପୋଛ କରିବାକୁ ଖୋଲା ଚାଲେଞ୍ଜ ଦେଲେ ଶାହ । କହିଲେ ଆତଙ୍କବାଦର ସମାପ୍ତି ନହେବା ଯାଏଁ ଆମର ଲଢେଇ ଜାରି ରହିବ । ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ଆମ ସହ ପୂରା ବିଶ୍ୱ ଅଛି । ଯେଉଁମାନେ ଭାବୁଛନ୍ତି ପହଲଗାମରେ ଭୀରୁ ଭଳି ଆକ୍ରମଣ କରି ବିଜୟଲାଭ କରିଛନ୍ତି ସେମାନେ ଭୁଲ । ସେମାନେ ଏବେଠାରୁ ଚେତିଯିବା ଦରକାର । କାରଣ ମୋଦୀ ସରକାରରେ କାହାକୁ ତ୍ରାହି ନାହିଁ କି କାହାକୁ ବି ଛଡାଯିବନି ।







କଳିଙ୍ଗ ଷ୍ଟାଡିୟମଠାରେ 'କଳିଙ୍ଗ ସୁପର କପ୍ -୨୦୨୫' ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଛି । ଉଦଘାଟନ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂହ ଷ୍ଟାଡ଼ିୟମରେ ଉପସ୍ଥିତ ରହିବା ସହ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳ ଉପଭୋଗ କରିବା ପାଇଁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ସହ ଅଗଣିତ ଦର୍ଶକ ଉପସ୍ଥିତ ରହିଥିଲେ ।



## ପଦ୍ମଭୂଷଣ ପୁରସ୍କାର ଗ୍ରହଣ ଅଜିତ କୁମାର

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାଉଥ୍ ସୁପରଷ୍ଟାର ଅଜିତ କୁମାରଙ୍କୁ କଳାକ୍ଷେତ୍ରରେ ପଦ୍ମଭୂଷଣରେ ସମ୍ମାନିତ କରିବା ପରେ ପ୍ରଶଂସକମାନେ ଚେନ୍ନାଇ ବିମାନବନ୍ଦରରେ ଅଭିନେତା ଅଜିତ କୁମାରଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ସମୟରେ ପ୍ରଶଂସକମାନଙ୍କର ଏକ ବିରାଟ ଭିଡ଼ ଜମା ହୋଇଯାଇଥିଲା । ଏହି ଭିଡ଼ରେ ଅଜିତ କୁମାର ଫସି ଯାଇଥିଲେ।

## ଚନ୍ଦନ ଯାତ୍ରାରେ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର

**ଭୁବନେଶ୍ୱର:** ପରମ୍ପରା ଅନୁସାରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା। ଏଥିପାଇଁ ଆଜି ଦିନ ତମାମ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିଲା। ଚନ୍ଦନ ବାସ୍ନାରେ ଏକାମ୍ର କ୍ଷେତ୍ର ମହକି ଉଠିଥିଲା। ବିନ୍ଦୁସାଗରର ଘନ ନୀଳ ଜଳରାଶିରେ ଖେଳି ବୁଲୁଥିଲା ଚନ୍ଦନ ମହକ ଭରା ଲହରିର ଢେଉ। ଏମିତି ସୁଗନ୍ଧିତ ପରିବେଶରେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ବିନ୍ଦୁସାଗର ଅଭିମୁଖେ ଯାତ୍ରା କରିଥିଲେ ଏବଂ ଚାପ ଡଙ୍ଗାରେ ଭଉଁରି ଖେଳିବା ପରେ ଜଗତି ଉପରେ ଚନ୍ଦନ ପାଣି କୁଣ୍ଡରେ ସ୍ନାନ କରିଥିଲେ। ଏହି ଯାତ୍ରା ୩ସପ୍ତାହ ଅର୍ଥାତ ୨୨ଦିନ ଧରି ଚାଲିବ। ପ୍ରଚଣ୍ଡ ଗ୍ରୀଷ୍ମ ଦାଉରୁ ବର୍ତ୍ତିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଆସୁଥିବା ପ୍ରଭୁଙ୍କ ଏହି ଅନ୍ୟତମ ଲୀଳାଖେଳା ଦେଖିବା ପାଇଁ ଆଜି ଏକାମ୍ର କ୍ଷେତ୍ରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

# ଜାତିଭିତ୍ତିକ ଗଣନା...

ଜନଗଣନା ବିଷୟ ସମ୍ବିଧାନର ଧାରା ୨୪୬ର କେନ୍ଦ୍ରୀୟ ତାଲିକାର ୬୯ରେ ଉଲ୍ଲେଖ କରାଯାଇଛି ଏବଂ ଏହା କେନ୍ଦ୍ରର ବିଷୟ ଅଟେ। କେତେକ ରାଜ୍ୟ ଜାତି ଗଣନା ପାଇଁ ସର୍ଭେ କରିଛନ୍ତି। କେତେକ ରାଜ୍ୟ ପାରଦର୍ଶିତାର ସହ ଏହି କାର୍ଯ୍ୟ ସଂପାଦନ କରିଥିବା ବେଳେ ଆଉ କେତେକ ରାଜ୍ୟ ଅସ୍ୱଚ୍ଛ ପ୍ରକ୍ରିୟାରେ କେବଳ ରାଜନୈତିକ ଦୃଷ୍ଟିକୋଣରୁ ଏଭଳି ସର୍ଭେ କରିଛନ୍ତି। ରେଳମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଏଭଳି ସର୍ଭେ ସମାଜରେ ସନ୍ଦେହ ସୃଷ୍ଟି କରିଛି ଏବଂ ରାଜନୀତି ଦ୍ୱାରା ସାମାଜିକ ଢାଞ୍ଚା ଯେପରି ବ୍ୟାହତ ନ ହୁଏ ସେଥିପାଇଁ ସର୍ବେକ୍ଷଣ ପରିବର୍ତ୍ତେ ଜନଗଣନାରେ ଜାତିଗତ ଗଣନାକୁ ଅନ୍ତର୍ଭୁକ୍ତ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଜାତିଗତ ଜନଗଣନା ଘୋଷଣାକୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ୱାଗତ କରିଛନ୍ତି। ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ବିକାଶ ଓ ଉତ୍ଥାନ କ୍ଷେତ୍ରରେ ଏହା ନିର୍ଣ୍ଣାୟକ ହେବ ବୋଲି ନୀତୀଶ କହିଛନ୍ତି। ବିହାର ବିଜେପି ଶାଖା ପକ୍ଷରୁ ମଧ୍ୟ ସରକାରଙ୍କ ଏହି ଘୋଷଣାକୁ ଜୋରଦାର ସ୍ୱାଗତ କରାଯିବା ସହ ଦଳ ଏ ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

# ରଥଯାତ୍ରାର ପ୍ରଥମ...

ଆବଶ୍ୟକ ଥିଲା। ଇତି ମଧ୍ୟରେ ୩୨୬ ଖଣ୍ଡ କାଠ ପ୍ରାପ୍ତ ହୋଇଛି। ଏହି କାଠ ଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ରଥକାଠର ସ୍ଥିତି, ରାସ୍ତା ଘାଟ ନିର୍ମାଣ ଓ ମରାମତି, ପୁରୀ ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ ଓ ବର୍ଣ୍ଣ ୱାର୍ଡ ଖୋଲିବା, ଡାକ୍ତର ଓ ଅନ୍ୟ କର୍ମଚାରୀ ନିଯୁକ୍ତି, ପରିମଳ ବ୍ୟବସ୍ଥା, ଡ୍ରେନ ମରାମତି ଓ ସଫା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରେଳ ବିଭାଗ ଟ୍ରେନ ଚଳାଚଳ ସମ୍ପର୍କରେ ସହରର ବିଭିନ୍ନ ଏଲ ଇ ଡି ସ୍କ୍ରିନ ମାଧ୍ୟମରେ ସୂଚନା ପ୍ରଦାନ କରିବା, ଆଇନ ଅମାନ୍ୟ କରୁଥିବା ଅଟୋ ଓ ଟୋଟୋ ଗୁଡିକର ଧରପଗଡ କରିବା ସମ୍ପର୍କରେ ସଦସ୍ୟ ମାନେ ମତାମତ ଦେଇଥିଲେ।

# ଆତଙ୍କବାଦୀ ଆକ୍ରମଣରେ ନିହତ ପର୍ଯ୍ୟଟକଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ସଭା





**ପୁରୀ:** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ ଆନୁକୂଲ୍ୟରେ କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ସଂରକ୍ଷଣରେ ଏବଂ ପରିସରର ନିର୍ଦ୍ଦେଶକ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ କାଶ୍ମୀରର ପହେଲଗାଓରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକ ପାଇଁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଛି । ଧର୍ମ ଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର୍ ଲଳିତ କୁମାର ସାହୁ, ଓ ସହ ନିର୍ଦ୍ଦେଶକ ଶିକ୍ଷା ଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ବିଜୟପାଲ୍ କଚ୍ଛୱା ଉପସ୍ଥିତି ଥିଲେ । ସଦାଶିବ ତରଫରୁ ଏହି ଦୁଃଖଦାୟକ ଘଟଣା କୁ ନିନ୍ଦା କରାଯାଇଥିଲା । ପରିଶେଷ ରେ ଆତ୍ମା ର ସଦଗତି ପାଇଁ ୨ ମିନିଟ ର ନୀରବ ପ୍ରାର୍ଥନା କରାଯାଇଥିଲା.

# ଯୁଗମ ଇନୋଭେସନ କନକ୍ଲେଭ - ୨୦୨୫




ନୂଆଦିଲ୍ଲୀ/ଭୁବନେଶ୍ୱର: ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ଦେଶର ଭବିଷ୍ୟତ ଦେଶର ଯୁବପିଢିଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆଧୁନିକୀକରଣ କରୁଛୁ । ଦେଶରେ ନୂଆ ଶିକ୍ଷା ନୀତି ମଧ୍ୟ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ । ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ । ଯୁଗମ କନକ୍ଲେଭ ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢାଇବା ଦିଗରେ ବଡ ଭୂମିକା ନିର୍ବାହ କରିବ । ଶ୍ରୀ ପ୍ରଧାନ କହିଛନ୍ତି, ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ(ଏଏନଆରଏଫ୍), ଆମର ଆଇଇଟି, ଆଇଆଇଏସସି ଏବଂ ଆମର ଯୁବା ଇନୋଭେଟରଙ୍କୁ ମିଳିବ ।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ରନ୍ ଫର୍ ୱାନ୍ ନେସନ, ୱାନ୍ ଇଲେକ୍ସନ'ର ଶୁଭାରମ୍ଭ




ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ "ରନ୍ ଫର୍ ୱାନ୍ ନେସନ୍, ୱାନ୍ ଇଲେକ୍ସନ୍" କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏପରି ପ୍ରୟାସକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଦେଶରେ କୌଣସି ନୂଆ ବିଚାରର କ୍ରିୟାନ୍ୱୟନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ ସଶକ୍ତ ପରମ୍ପରା ଅଛି । ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ ସପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏଭଳି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ ଉପରେ ବମର୍ଶ ଆଜି କେବଳ ସଂସଦ ପର୍ଯ୍ୟନ୍ତ ନୁହେଁ ବରଂ ଜନମାନସର ଏକ ଅଭିଯାନ ବନାଯାଉଛି । ଅର୍ଥାତ୍ ୱାନ୍ ନେସନ, ୱାନ୍ ଇଲେକ୍ସନ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି।




ପୁରୀ ଠାରେ ଅନୁଷ୍ଠିତ ବିଜେପି ଓଡ଼ିଶାର ବିଧାୟକ ଏବଂ ସାଂସଦଙ୍କ 'ପ୍ରଶିକ୍ଷଣ ବର୍ଗ' କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେପି କେନ୍ଦ୍ର ପ୍ରଭାରୀ ବୈଜୟନ୍ତ ପଣ୍ଡା ଏବଂ ବିଜେପିର ବରିଷ୍ଠ ନେତୃମଣ୍ଡଳ ଉପସ୍ଥିତ ରହିଥିଲେ।



ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ଥିବା ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀ ପୂର୍ବରୁ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଭିନ୍ନ ସମାଚାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଏହା କହିଛନ୍ତି। ଏହି ଆଲୋଚନାରେ ଜାତୀୟ ତଥା ଆଞ୍ଚଳିକ ସମ୍ବାଦ ଗଣମାଧ୍ୟମର ପ୍ରାୟ ୨୫ଟି ଗଣମାଧ୍ୟମ ସଂସ୍ଥାର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଓଡ଼ିଶାରୁ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ ଏହି ଆଲୋଚନାରେ ଯୋଗଦେଇଥିଲେ ।




ନୂଆଦିଲ୍ଲୀଠାରେ 'ୱାନ୍ ନେସନ-ୱାନ୍ ଇଲେକ୍ସନ' କର୍ମଶାଳାରେ ଯୁବବର୍ଗଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହା କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚାର ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶରେ ବିକାଶର ନୂଆ ଦିଶା ଦେଖାଇବାର ମାଧ୍ୟମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହ

## ଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର




ସମ୍ବଲପୁର: ୫ ଟ୍ରିଲିୟନ ଅର୍ଥବ୍ୟବସ୍ଥା କେବଳ ଏକ ଜିଡିପି ସଂଖ୍ୟା ନୁହେଁ ବରଂ ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ସଶକ୍ତିକରଣ ସୁନିଶ୍ଚିତ କରିବା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର । ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମୃତ କାଳର ସଂକଳ୍ପରୁ ପ୍ରେରଣା ନେବାକୁ ନିବେଦନ କରିଥିଲେ। ଏହି ପ୍ରୟାସରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତଙ୍କ ପ୍ରୟାସ ବଳରେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ଡକ୍ଟର ମିଶ୍ର କହିଥିଲେ ଯେ, ବର୍ତ୍ତମାନ ଆମେ ଏକ ବ୍ୟାପକ ପ୍ରଯୁକ୍ତିଗତ ଘଟଣାକ୍ରମର ସାକ୍ଷୀ ହେଉଛୁ।

# ସୈନିକ ସ୍କୁଲ୍ ପୁରସ୍କାର ବିତରଣ ସମାରୋହ

## ଶିକ୍ଷାର୍ଥୀ ଦେଶର ସେବା କରିବା ପାଇଁ ସଂକଳ୍ପ ନିଅନ୍ତୁ: ରାଜ୍ୟପାଳ




**ଭୁବନେଶ୍ୱର:** ଛାତ୍ରଛାତ୍ରୀମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ସୈନିକ ସ୍କୁଲ ଭୁବନେଶ୍ୱରର ବାର୍ଷିକ ପୁରସ୍କାର ବିତରଣ ସମାରୋହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କୁ ଲାଳନ ପାଳନ କରିଥିବା ପିତାମାତା ଏବଂ ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଏକ ଉତ୍ସବ, ସ୍ୱୀକୃତି ଓ ଗବର୍ର ଦିନ। ଶିକ୍ଷା, କ୍ରୀଡ଼ା, ସହ ପାଠ୍ୟକ୍ରମ କାର୍ଯ୍ୟକଳାପ ଏବଂ ଅନୁକରଣୀୟ ଶୃଙ୍ଖଳରେ ସଫଳତା ପାଇଁ ସମ୍ମାନିତ / ପୁରସ୍କୃତ ହେଉଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ଭବିଷ୍ୟତ ଯାତ୍ରାରେ ମାଇଲଖୁଂଟ ହେଉ ଏବଂ ଆହୁରି ଅନେକ ସଫଳତା ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଓଡ଼ିଶା ସର୍କଲର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ରାଜଭବନରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କାମ୍ଭମପାଟିଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ।



## ବାର୍ଷିକ କାର୍ଯ୍ୟ ଯୋଜନା ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ

**ଭୁବନେଶ୍ୱର:** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ଶାସନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେବା ପ୍ରଦାନରେ ବିଭିନ୍ନ ସ୍ତରରେ ବିଳମ୍ବିତ ହେଉଥିବା କାରଣକୁ ଅନୁଧ୍ୟାନ କରିବା, ପ୍ରକ୍ରିୟାକୁ ସହଜ ଓ ସରଳ କରି କିପରି ଜନସାଧାରଣଙ୍କୁ ଉଦ୍ଦିଷ୍ଟ ସେବା ଶୀଘ୍ର ପ୍ରଦାନ କରାଯାଇପାରିବ, ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଏମ୍ସ ଭୁବନେଶ୍ୱରରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସୁବିଧା ଆରମ୍ଭ



**ଭୁବନେଶ୍ୱର:** ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା। ଏହି ସୁବିଧା ପ୍ରଚଳନ ସହିତ ଏମ୍ସ ଭୁବନେଶ୍ୱର ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଲପଲବ୍ଧି ହାସଲ କରିଛି ଏହି ଜାତୀୟ ଅନୁଷ୍ଠାନ। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ଭାବେ ଏହି ପ୍ରକ୍ରିୟା ସମ୍ପାଦନରେ ସଫଳତା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସମ୍ପୂର୍ଣ୍ଣ ଅର୍ଥୋପେଡିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ବର୍ତ୍ତମାନ ସମୟରେ, ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ଅନେକଙ୍କ ପାଇଁ ଆଶାର ନୂତନ ଆଲୋକ ପାଲଟିଛି। ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସଠିକତାକୁ ସମ୍ପୂର୍ଣ୍ଣ ସୁନିଶ୍ଚିତ କରିଥାଏ। ଏହି ପ୍ରଯୁକ୍ତିବିଦ୍ୟା ମାନବ ତ୍ରୁଟିର ବିପଦକୁ କମ କରେ ଏବଂ ପ୍ରକୃତ-ସମୟ ମତାମତ ପ୍ରଦାନ କରି, ସର୍ଜନଙ୍କୁ ଜଟିଳ ପଦକ୍ଷେପଗୁଡ଼ିକୁ ଅଧିକ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ବ୍ୟାପକ ସୁଯୋଗ ପ୍ରଦାନ କରିଥାଏ। ଯାହାକି ଏପରି ଅସ୍ତ୍ରୋପଚାର ଫଳାଫଳକୁ ଉନ୍ନତ କରୁଥିବା ଅର୍ଥୋପେଡିକ୍ସ ବିଭାଗର ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ପାତ୍ର ପ୍ରକାଶ କରିଛନ୍ତି। ଯୋଗ୍ୟ ରୋଗୀମାନଙ୍କୁ ମାଗଣା ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ପ୍ରଦାନ କରୁଥିବା ଆୟୁଷ୍ମାନ ଭାରତ ଯୋଜନା ଜୀବନ ପରିବର୍ତ୍ତନକାରୀ ଚିକିତ୍ସାର ସୁବିଧାକୁ ଆହୁରି ବିସ୍ତାର କରିଛି। ଏମ୍ସରେ ପ୍ରଥମ ରୋବୋଟିକ୍ ଅସ୍ତ୍ରୋପଚାର ପ୍ରାୟ ୮୦ ମିନିଟ୍ ସମୟ ନେଇଥିଲା। ଆଗକୁ ଏହି ସମୟ ଆହୁରି କମିବ। ସେହିପରି ଖୁବ୍‌ଶୀଘ୍ର ଏମ୍ସରେ ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି।

# ଶପଥ ନେଲେ ମୁଖ୍ୟ ସୂଚନା ଆୟୁକ୍ତ ଓ ୩ ସୂଚନା ଆୟୁକ୍ତଙ୍କୁ ବି ନେଲେ ଦାୟିତ୍ୱ




**ଭୁବନେଶ୍ୱର:** ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା ଓ ଅନ୍ୟ ୩ ରାଜ୍ୟ ସୂଚନା ଆୟୁକ୍ତ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଓ କଳ୍ପନା ପଟ୍ଟନାୟକ ଆଜି ଶପଥ ନେଇଛନ୍ତି। ରାଜଭବନର ଅଭିଷେକ ହଲ୍ ?ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଏବଂ ବିଭାଗୀୟ କର୍ମକର୍ତ୍ତାଗଣ।




## ରୁଷ ପ୍ରତିନିଧିଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

**ଭୁବନେଶ୍ୱର:** ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରି ସମୃଦ୍ଧ ଓଡ଼ିଶା ଗଠନରେ ସହଯୋଗ ପାଇଁ ନିବେଶ କରିବା ପାଇଁ ବର୍ତ୍ତମାନର ସମୟ ସବୁଠୁ ଉପଯୁକ୍ତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇଠାରେ ଇଣ୍ଡିଆ ଷ୍ଟିଲ୍ ୨୦୨୫ ସମ୍ମିଳନୀର ଓଡ଼ିଶା ରାଉଣ୍ଡ ଟେବୁଲ୍ ଅଧିବେଶନକୁ ସମ୍ବୋଧିତ କରି ଶିଳ୍ପପତିମାନଙ୍କୁ ଏହା କହିଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଓ 'ଫିକି' ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଶିଳ୍ପ ଜଗତର ଆବଶ୍ୟକତା ପୂରଣ ଲାଗି ସରକାର ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟାସ୍କଫୋର୍ସ ଗଠନ କରିଛନ୍ତି।






# ଶ୍ରୀଜେଶଙ୍କୁ 'ପଦ୍ମଭୂଷଣ', ଅଶ୍ୱିନଙ୍କୁ 'ପଦ୍ମଶ୍ରୀ'



**ନୂଆଦିଲ୍ଲୀ:** ଅବସରପ୍ରାପ୍ତ ଭାରତୀୟ ଅଫ୍‌ସ୍ପିନର ରବିଚନ୍ଦ୍ରନ୍ ଅଶ୍ୱିନ ସୋମବାର ରାଷ୍ଟ୍ରପ୍ରତି ଦ୍ରୌପଦୀ ମୁର୍ମୁଙ୍କ କରକମଳରୁ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ଆବାସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅଶ୍ୱିନ ପଦ୍ମଶ୍ରୀ ଗ୍ରହଣ କରୁଥିବାର ଫଟୋ ନିଜ 'ଏକ୍ସ' ପୃଷ୍ଠାରେ ପ୍ରକାଶ କରିଛନ୍ତି। ଏହି ଉପାଧୀ ଗ୍ରହଣ କରିବା ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ସେହିଭଳି ଭାରତୀୟ ହକି ଦଳର ପୂର୍ବତନ ଗୋଲ୍ ରକ୍ଷକ ତଥା ଅଲିମ୍ପିକ୍ ପଦକ ବିଜେତା ପିଆର୍ ଶ୍ରୀଜେଶ 'ପଦ୍ମଭୂଷଣ' ପୁରସ୍କାର ଗ୍ରହଣ କରିଛନ୍ତି। ଏଭଳି ଏକ ପୁରସ୍କାର ଲାଗି ଭାରତ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମହାମହିମ ରାଷ୍ଟ୍ରପତିଙ୍କ ସହ ବିତାଇଥିବା କିଛି ସମୟ ତାଙ୍କ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ଶ୍ରୀଜେଶ ଏହା ପୂର୍ବରୁ ଖେଳରତ୍ନ ପୁରସ୍କାର ପାଇ ସାରିଛନ୍ତି। ତାଙ୍କୁ ଭାରତୀୟ ହକିର ଅନ୍ୟତମ କିଂବଦନ୍ତି ବ୍ୟକ୍ତିତ୍ୱର ମାନ୍ୟତା ମିଳେ। ଅନ୍ୟପକ୍ଷରେ ୩୮ ବର୍ଷୀୟ ଅଶ୍ୱିନ ଭାରତ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ୫୩୭ ଟେଷ୍ଟ ଓ୍ୱିକେଟ୍ ନେଇଛନ୍ତି। ଅନିଲ କୁମ୍ବଲେ (୬୧୯) ଶୀର୍ଷରେ ରହିଛନ୍ତି। ଅଶ୍ୱିନ ମଧ୍ୟ ୧୧୬ ଦିନିକିଆରୁ ୧୫୬ ଏବଂ ୬୫ ଟ୍ୱେଣ୍ଟି-୨୦ରୁ ୭୨ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି।



'ଲୋକଙ୍କ ସହିତ ରାଷ୍ଟ୍ରପତି' କାର୍ଯ୍ୟକ୍ରମ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରତିଭାବାନ୍ କ୍ରୀଡ଼ାବିତମାନଙ୍କୁ ଭେଟିଥିଲେ ।





କଳିଙ୍ଗ ଷ୍ଟାଡିୟମରେ ୭୩ତମ ସର୍ବଭାରତୀୟ ପୋଲିସ୍ ହକି ଚାମ୍ପିୟନସିପ୍-୨୦୨୫ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପଟି ଯୋଗଦେଇ ଚାମ୍ପିୟନ ହୋଇଥିବା ପଞ୍ଜାବ (ପୁରୁଷ) ଓ ସିଆରପିଏଫ୍ (ମହିଳା) ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ପୁରୀରେ ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ର ଚୟନ ପ୍ରତିଯୋଗିତା



**ପୁରୀ:** ପୁରୀର ନୀଳାଦ୍ରି ବିଚ୍ ପାଖରେ ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ନିମନ୍ତେ ଚୟନ ପ୍ରତିଯୋଗିତା ହୋଇ ଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ଦକ୍ଷତା ଦେଖାଇ ଥିଲେ । ଏଠାରୁ ୬ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳୀଙ୍କୁ ଚୟନ କରାଯାଇଛି । ଚୟନ କର୍ତ୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ । ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଆୟୋଜନ କରିଥିବା ବେଳେ ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସହଯୋଗ କରିଥିଲେ । ରେଫରୀ ରାଜ ଶେଖର ଓ ମହମ୍ମଦ ଗୁଲ୍ଲମ୍ ଖେଳ ପରିଚାଳନା କରିଥିବା ବେଳେ ଆନ୍ତର୍ଜାତୀୟ ଖେଳାଳି ଲକ୍ଷ୍ମୀ ପ୍ରିୟା ନାଏକ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ରାମ ଚନ୍ଦ୍ର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଚାଲି ଥିବା ବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ବିରଞ୍ଚି ନାରାୟଣ ବିଶ୍ୱାଳ, ବିଶ୍ୱନାଥ ମିଶ୍ର, ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।





କଳିଙ୍ଗଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ କାଉଣ୍ଟଡାଉନ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ଅବସରରେ ରାଜ୍ୟମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଆୟୁଷ ପ୍ରତାପରାଓ ଯାଦବ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଯୋଗ ମହୋତ୍ସବ ଉଦ୍‌ଘାଟନ କରାଯାଇଥିଲା।



ଡ଼. ଭୀମ୍ ରାଓ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ଉପଲକ୍ଷେ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ 'ଜୟ ଭୀମ୍ ପଦଯାତ୍ରା' ଆୟୋଜିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ସଚିବ, ଭାସ୍କର ଜ୍ୟୋତି ଶର୍ମା, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ବିଭାଗର ସମସ୍ତ ଅତିରିକ୍ତ ସଚିବ, ଯୁଗ୍ମ ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସଦୟ ଉପସ୍ଥିତିରେ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଅଛି।



ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଯୁକେର ଡୋରସେଟର ଓ୍ୱେମାଉଥରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ 'ବାଲୁକା ମାଷ୍ଟର ପୁରସ୍କାର' ଜିତିଛନ୍ତି। ଏହି ସମ୍ମାନ ପାଇବାରେ ଶ୍ରୀ ପଟ୍ଟନାୟକ ପ୍ରଥମ ଭାରତୀୟ। ଏହି ସଫଳତା ପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।



ଗୌହାଟୀରେ ଆୟୋଜିତ ୧୨ତମ ବରିଷ୍ଠ ଜାତୀୟ ରଗବୀ ଚାମ୍ପିଅନସିପରେ ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



କଳିଙ୍ଗ ଷ୍ଟାଡିୟମ୍ ଠାରେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ ପକ୍ଷରୁ ଆୟୋଜିତ 'କଳିଙ୍ଗ ସୁପର୍ କପ୍ ୨୦୨୫' ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ସିଟି ଏଫସି ଏବଂ ଜାମସେଦପୁର ଏଫସି ମଧ୍ୟରେ ମ୍ୟାଚରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି।



କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ସେଲ୍ ଗୋଆ ଚାମ୍ପିଅନ୍‌ସିପ୍ ଓ ଇଣ୍ଡିଆନ ନେଭୀ ଓପନ୍ ଚାମ୍ପିଅନ୍‌ସିପରେ ଉନ୍ନତ ପ୍ରଦର୍ଶନ କରି ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ନାରାୟଣ ମୁଣ୍ଡା ଓ ଦେବସ୍ମିତା କରଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି।





କେନ୍ଦୁଝରଠାରେ ୩୯ତମ ଜାତୀୟ ସବ୍ ଜୁନିୟର ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ଅବସରରେ ।



ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଯୋଜନାରେ ପ୍ରତ୍ୟେକ ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟରର ଉଦଘାଟନ ଆଭାଷୀ ମାଧ୍ୟମରେ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋନହ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଣ୍ଟରର ନିର୍ମାଣ କରାଯାଇଛି। କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ, ଭଲିବଲ୍, ହକି, ଆଥଲେଟିକ୍ସ, ଖୋଖୋ, କବାଡ଼ି ଆଦି ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ସୁବିଧା ଖେଳାଳିମାନଙ୍କୁ ପ୍ରଦାନ କରାଯିବ।

## ମୁଷ୍ଟିଯୁଦ୍ଧ କ୍ରୀଡ଼ା ଛାତ୍ରାବାସ ଖୋଲିବାକୁ କ୍ରୀଡ଼ାମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ

**ପୁରୀ:** ପୁରୀରେ ମୁଷ୍ଟିଯୁଦ୍ଧ ତଥା ବକ୍ସି ଖେଳାଳି ଥିବା ସତ୍ତ୍ୱେ ପ୍ରୋତ୍ସାହନ ଅଭାବରୁ ଅଧିକାଂଶ ପ୍ରତିଭା ଖେଳ ଛାଡୁଛନ୍ତି। ଏହାକୁ ବିଚାରକୁ ନେଇ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଷ୍ଟିଯୁଦ୍ଧ ପ୍ରତିଭାଙ୍କ ପାଇଁ ୫୦ ଜଣ କ୍ଷମତା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଖୋଲିବାକୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଚିଠି ଲେଖିଛନ୍ତି । ଶ୍ରୀ ଷଡ଼ଙ୍ଗୀଙ୍କ ସୂଚନା ମୁତାବକ, ଗତ ସରକାରଙ୍କ ଦ୍ୱାରା ପୁରୀ କ୍ରୀଡ଼ା ଛାତ୍ରାବାସ ପାଇଁ କେବଳ ୫ଟି ସିଟ ଘୋଷଣା ହୋଇଥିଲା । ଯାହାକି ମୁଷ୍ଟିଯୁଦ୍ଧ ପ୍ରତିଭାଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ । ରାଜ୍ୟରେ ବହୁ ପ୍ରତିଭାବାନ ବକ୍ସି ଖେଳାଳି ଥିବା ସତ୍ତ୍ୱେ ତାଙ୍କୁ ଆବଶ୍ୟକ ଆବାସିକ ସୁବିଧା ଓ ଅନ୍ୟ ସୁବିଧା ଉପଲବ୍ଧ ହେଉ ନଥିବାରୁ ପ୍ରତିଭାମାନଙ୍କୁ ଅଗ୍ରଗତିରେ ବାଧା ପହଞ୍ଚୁଛି । ତେଣୁ ପୁରୀରେ ରାଜ୍ୟ ମୁଷ୍ଟିଯୁଦ୍ଧ କ୍ରୀଡ଼ା ଛାତ୍ରାବାସ ଖୋଲିବା ସହ ସିଟ୍ ସଂଖ୍ୟା ୫ରୁ ୫୦କୁ ବୃଦ୍ଧି କରିବା ନେଇ ଶୀଘ୍ର ପଦକ୍ଷେପ ନିଆଯାଉ ବୋଲି ଚିଠିରେ ଅନୁରୋଧ କରିଛନ୍ତି।






Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty